# ଗର୍ବିତ ଓଡିଆ

ODIA WEEKLY ● GARVIT ODIA

ଆ. ଗଡ଼ି.. ଆ...

ମିଡ଼ ନାଇଟ ଅପରେସନ ଓ ବିଜୟ

କାହିଁକି ପଦ ଛଡ଼ାଇ ନିଅନ୍ତି ଶିବକୁମାର

ପାୱାର୍ ନାହିଁ ତ ଚେୟାର୍ ନାହିଁ

ପ୍ରଭାତଙ୍କୁ ଏବେ ଦିଲ୍ଲୀପ ସାହା

ଇଂ ପାର୍ଥସାରଥୀ ମୁଦୁଲିଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-28 01 JUNE - 07 JUNE 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୮ ୦୧ ଜୁନ୍ - ୦୭ ଜୁନ୍ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ଖାକିର ଲାଠି



ମୋଣ୍ଟାବାଳ ସହ ଜଡ଼ାତେଲ, କଳାଜିରା ସହ ପାମ୍ପଡ଼, ବଗିଚା ସହ ବାଡ଼ ଭଳିଆ ଖାକି ସହ ଲାଠି ଯୋଡ଼ି ହୋଇରହିଛି । ଖାକି ଯେତେ ସକ୍ରିୟ ହେବେ ତାହା ସମାଜ ପାଇଁ ସେତେ ଭଲ । ଲାଠି ଚାଲିଲେ ଅପରାଧି ସାବାଡ଼ ହୋଇଯିବେ । କିନ୍ତୁ ସେଇ ଲାଠି ଯଦି ଭୁଲରେ ଚାଲିଲା, ବିଚରା ସାଧାରଣ ଜନତା ହିଁ ଦହଗଞ୍ଜ ହେବେ । ଆମ ଦେଶର ରାଜନୀତି 'ଖାକି' ଚାରିପଟେ ଘୂରିବୁଲେ । ଜଣେ ନେତା ସହ ଯଦି ବଡ଼ ଖାକି ବାବୁ ଯୋଡ଼ି ହୋଇଯାଆନ୍ତି ତାଙ୍କର ଭୋଟ୍ ବଢ଼ିଯାଏ । ଖାକିଙ୍କ ଜରିଆରେ ନିଜ ଲୋକଙ୍କୁ ସୁରକ୍ଷା ଦେଇ ସେ ଆପଣାର ହୋଇଯାଆନ୍ତି । ସେପଟେ ଶତ୍ରୁଙ୍କୁ ଖାକି ଡରାଣ ଦେଖାଇ ଘର ଭିତରେ ବସି ରହିବାକୁ ବାଧ କରନ୍ତି । ନିର୍ବାଚନ ବେଳେ ଏମାନେ ହିଁ ସବୁଠୁ ଅଧିକ ଦରକାର ପଡ଼ନ୍ତି । ପ୍ରତିପକ୍ଷର ଟଙ୍କା ଜବତ କରିବା, ପ୍ରତିପକ୍ଷର ଟାଣୁଆ ସହଯୋଗୀର ପୁରୁଣା ମାମଲାରେ ବାନ୍ଧିବାର ଡର ଦେଖାଇବା, ଶାସକ ଦଳ ପାଇଁ ସର୍ଭେ କରିବା ଆଦି ସେମାନଙ୍କ ଉପରେ ହିଁ ନ୍ୟସ୍ତ ରହିଥାଏ । ଖାସ୍ ସେଇଥିପାଇଁ ତ ମୁଖ୍ୟମନ୍ତ୍ରୀମାନେ ନିଜ ହାତରେ ଏହି 'ଖାକି' ବିଭାଗକୁ ନିଜ ପାଖରେ ରଖନ୍ତି । ବିଧାୟକମାନେ ନିର୍ଦ୍ଦିଷ୍ଟ ଆଇଆଇସିମାନଙ୍କୁ ନିଜ ଅଞ୍ଚଳର ଥାନାକୁ ନେବାପାଇଁ ଲବି ବି କରନ୍ତି । ହେଲେ 'ଖାକି' ଯଦି ଅମାନିଆ ହୋଇଯାଏ, ତାହେଲେ କଥା ସରିଲା । ଦଳ ଓ ସରକାର ସବୁ ମାଟି ହୋଇଯାଆନ୍ତି । କାରଣ ଅମାନିଆ ଖାକି ହିଁ ସରକାରଙ୍କ ପାଇଁ କାଳଗ୍ରହ କହିଲେ ଅତ୍ୟୁକ୍ତି ହେବନି । ଆଜିକାଲି ଖାକିବାବୁମାନେ ଯମ ପାଲଟି ଯାଉଛନ୍ତି । ସେମାନଙ୍କ ଉପସ୍ଥିତିରେ ସୌମ୍ୟଙ୍କର ଜୀବନ ଯାଇଛି । ବାରଙ୍ଗରେ ଜଣେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଗଞ୍ଜାମରେ ଜଣଙ୍କର ଜୀବନ ଯାଇଛି । କାଳି ଓ କାଗଜ ସରିଯିବ, ହେଲେ ଏହି ତାଲିକା ସରିବନି । ଅବଶ୍ୟ ଏଥିପାଇଁ ସରକାର ବି ଦାୟୀ । ଖାକିବାବୁଙ୍କୁ ନିୟନ୍ତ୍ରଣରେ ରଖିପାରୁନଥିବାରୁ ଆଜି ମୋହନ ସରକାରଙ୍କ ସେମାନେ ନାକୁଆଣୀ କରିଦେଲେଣି । ଆଗକୁ ପଞ୍ଚାୟତ ନିର୍ବାଚନ । ଆଇନ ଶୃଙ୍ଖଳା ବି ଭୋଟକୁ ବହୁମାତ୍ରାରେ ପ୍ରଭାବିତ କରେ । ସାଧାରଣ ଜନତାଙ୍କ ପାଇଁ ଆଉ ନିଜ ଦଳର ସ୍ୱାର୍ଥ ପାଇଁ ତୁରନ୍ତ ମୋହନ ବାବୁ 'ଖାକିବାବୁ'ଙ୍କୁ ନିୟନ୍ତ୍ରଣ କରନ୍ତୁ । ନହେଲେ ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଥୟ... ।




## ବାବା ଅବ୍ଜର୍ଭାନନ୍ଦ

ନିଟ ପରୀକ୍ଷା ପ୍ରଶ୍ନପତ୍ର ନେଇ
ହେଲା ଯେଉଁ କେଲେଙ୍କାରୀ,
ତା ଉପରେ ପୁଣି ସିବିଏସଇ ଦ୍ୱନ୍ଦ୍ୱ
ସରକାର ପାଇଁ ଭାରି ।

ଏତିକି ବେଳରେ ଡଲାର ମାରୁଛି
ମାଙ୍କଡ ଭଳିଆ ଡିଆଁ,
ଗରିବ ବାପୁଡ଼ା କାନ୍ଦି କାନ୍ଦି ମରେ
ବଜାରେ ଲାଗିଛି ନିଆଁ ।

ଦେଶ ଅର୍ଥନୀତି ତଳକୁ ତଳକୁ
ଯାଉଅଛି ପ୍ରତିଦିନ,
ବିଦେଶୀ କମ୍ପାନୀ କାଢ଼ି ନେଉଛନ୍ତି
ଲାଗିଥିଲା ଯେଉଁ ଧନ ।

ସେପଟେ ପେଟ୍ରୋଲ ପାଇଁ ଟଙ୍କା ଗଣି
ଲୋକେ ହେଲେ ସର୍ବନାଶ,
ସେ କାହୁଁ ଜାଣିବେ ପେଟ୍ରୋଲ ନୁହେଁ
ଯେ କିଣୁଛନ୍ତି ଆଖୁରସ ।

ମାସ ଶେଷ ରବିବାରରେ ଶୁଣିଲେ
ମୁରବିଙ୍କ ମନ କଥା,
ବୋଝ ଉପରେ ଯେ ନଳିତା ବିଡ଼ା ସେ
ବଢ଼ି ଯାଉଅଛି ବ୍ୟଥା ।

ମଧ୍ୟବିତ୍ତ ଆମେ କେମିତି ବଞ୍ଚିବୁ
ବୁଦ୍ଧି ହେଇଯାଏ ବଣା,
ଜୀଇଁ ହେବ ବୋଧେ ଆମ୍ବ ଖାଇ ଆଉ
ପିଇଦେଲେ ବେଲପଣା ।

# ବିନାୟକ ଆଚାର୍ଯ୍ୟ ଓ ମିଣ୍ଟୁ ମହାରାଜ

ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ଥିବାବେଳେ ମିଣ୍ଟୁ ମହାରାଜା ନାମରେ ଜଣେ ବଙ୍ଗୀୟ ବ୍ୟକ୍ତି ଏକ ଆଶ୍ରମ କରିଥିଲେ । ଏହି ଆଶ୍ରମରେ ବହୁ ବଙ୍ଗୀୟ ଯୁବତୀ ରହୁଥିଲେ । ଆଶ୍ରମ ସହ ବହୁ ରାଜନେତା ଓ ପ୍ରଶାସକଙ୍କର ନିଘନ ସମ୍ପର୍କ ରହିଥିଲା । ସେମାନେ ବିଭିନ୍ନ ଆଳରେ ଆଶ୍ରମରେ ଘଣ୍ଟା ଘଣ୍ଟା ଅତିବାହିତ କରୁଥିଲେ । ଯାହାକୁ ନେଇ ଭଲ ଭେଲ ଚର୍ଚ୍ଚା ହେବା ସ୍ୱାଭାବିକ । ମୁଖ୍ୟମନ୍ତ୍ରୀ ମଧ ବିଳମ୍ବିତ ରାତିଯାଏଁ ଆଶ୍ରମରେ ରାତ୍ରଭୋଜନ ସହ ବିଶ୍ରାମ କରୁଥିବା କଥା ସେ ସମୟରେ ଖଟିରେ ଆଲୋଚ୍ୟର ବିଷୟ ପାଲଟିଥିଲା । ଖାଲି ସେତିକିନୁହେଁ ଖବର ସରବରାହ ସଂସ୍ଥା ପିଟିଆଇର



ମ୍ୟାନେଜର ରାମକୃଷ୍ଣ ବେହେରାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା । ପ୍ରାୟ ସମୟ ମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ରହୁଥିବାରୁ ତାହାକୁ କ୍ୟାମ୍ପ ଅଫିସ୍ ବୋଲି ବି କୁହାଯାଉଥିଲା । ସେହି ସମୟରେ ବେହେରା ବାବୁ ବିଭିନ୍ନ ବାଟରେ ବହୁ ଉପକୃତ ହୋଇଥିଲେ । ସେହିପରି ପିଟିଆଇ ବିଲିଡ଼ିଂର ସମ୍ପ୍ରସାରଣ ପାଇଁ ସେହି ସମୟରେ ନିଷ୍ପତ୍ତି ହୋଇଥିଲା । ରାଜନୀତିର ଧାର ଧରୁନଥିଲେବି ଅନେକ ସରକାରଙ୍କ ସମୟରେ ମିଣ୍ଟୁ ମହାରାଜାଙ୍କ ଭଳି ବହୁ ବ୍ୟକ୍ତି ପତିଆରା ବିସ୍ତାର କରୁଥିବାର ନଜିର ରହିଛି । ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ଠାରୁ ନେଇ ଅନେକ ପୁସ୍ତକରେ, ରାଜନୀତିକ ଖଟିରେ ଏଭଳି କଥା ଚର୍ଚ୍ଚା ହୋଇଥିଲା ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।




ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ଆ. ଗଡ଼ି.. ଆ...

ପାଇକମାନେ ଯେତେବେଳେ ଲଢ଼େଇ ମୁଡ୍‌କୁ ଆସନ୍ତି, ସେତେବେଳେ ପ୍ରତିପକ୍ଷଙ୍କୁ ଡାକନ୍ତି ଆ... ଗଡ଼ି... ଆ... । ଏବେ ରାଜ୍ୟର ଅନେକ ସ୍ଥାନରେ ବିଜେପି ନେତାମାନେ ଏମିତି ଡାକ ଛାଡୁଛନ୍ତି । ବିଜେପି ନେତାଏ ସବୁବେଳେ ଘୋଷିହୁଅନ୍ତି, 'ପାର୍ଟି ୱିଥ ଡିଫରେନ୍ସ ।' ଏହାର ସାରମର୍ମ ହେଉଛି ଚିରାଚରିତ ଦଳ ଭଳି ବିଜେପି ନୁହେଁ । ଏହା ବିଚାରଧାରାର ଦଳ । କିନ୍ତୁ ଏବେ ରାଜ୍ୟ ବିଜେପି ନେତାମାନେ ଏହାର ଭିନ୍ନ ଅର୍ଥ ବାହାର କରିବା ଭଳି ମନେହେଉଛି । ସେମାନେ 'ପାର୍ଟି ୱିଥ୍ ଡିଫରେନ୍ସ'କୁ ପରସ୍ପର ମଧ୍ୟରେ ପ୍ରଭେଦ ଓ ପୃଥକ ବୋଲି ଭାବି ନେଇଛନ୍ତି । ଏନେଇ **ତପୁ ବସନ୍ତ କୁମାର**ଙ୍କ ଉପସ୍ଥାପନା ।

## ସୁରେଶ ବନାମ ଟଙ୍କଧର

ସମ୍ପ୍ରତି ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି ସୁରେଶ-ଟଙ୍କଧର କଳି । ଏ କଳି ଝାରସୁଗୁଡ଼ା ସୀମା ଡେଇଁ ସମ୍ବଲପୁରରେ ବି ପହଁଚିଗଲାଣି । ସେଠୁ ଇଣ୍ଟରସିଟିରେ ତାହା ଭୁବନେଶ୍ୱରକୁ ବି ଆସିଯାଇଛି । ଝାରସୁଗୁଡ଼ାରେ ଏବେ ଚାଲିଛି ପତିଆରା ଲଢ଼େଇ । ସୁରେଶ ସିନିୟର ନେତା । ଆଜିକା ଦିନରେ ପାୱାରଫୁଲ୍ ମିନିଷ୍ଟର । ଟଙ୍କଧର ଯୁବ ନେତା ଓ ଜୁନିୟର । ସିନିୟରମାନେ ଜୁନିୟରଙ୍କୁ ଆଗକୁ ମାଡ଼ିଯିବାର ବଳ ଦିଅନ୍ତି । ହେଲେ ଝାରସୁଗୁଡ଼ାରେ କିନ୍ତୁ ବିଚିତ୍ର ସ୍ଥିତି । ଟଙ୍କଧରଙ୍କ ଡଙ୍କ ମୋଡ଼ି, ସାଂଗଠନିକ ବିପର୍ଯ୍ୟୟ ପାଇଁ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ହରଦମ୍ ପ୍ରୟାସ କରୁଛନ୍ତି ବୋଲି ସିଆଡ଼େ ଚର୍ଚ୍ଚା ହେଉଛି । ଯେଉଁଥିପାଇଁ ଟଙ୍କଧରଙ୍କ ଅପେକ୍ଷା ଦାସ ପରିବାରଙ୍କ ପତିଆରା କୁଆଡ଼େ ବଢ଼ିଯାଇଛି ବୋଲି ଲୋକାଲ ମିଡ଼ିଆରେ ଚର୍ଚ୍ଚା ହେଉଛି । ହଁ ମ, ପାୱାର ନଥିଲେ କ'ଣ ହେଲା ପାୱାରକୁ ମୋଡ଼ିମକଚି ପକେଟରେ ପୂରାଇବା ପାଇଁ ଦାସ ପରିବାରଙ୍କ ହାତରେ ତ ସବୁ ପ୍ରକାର ସାଧନ ଅଛି ନା ? ସେପଟେ ଟଙ୍କଧର କୋଉ ଛାଡ଼ିବା ଜନ୍ତୁ । ଦୟାରେ ନୁହଁ, ବରଂ ଲଢ଼େଇ କରି ସେ ଝାରସୁଗୁଡ଼ାରେ ବାଜିମାତ୍ କରିଛନ୍ତି । ଯୁବମୋର୍ଚ୍ଚାରେ ଥିବାବେଳେ ନବୀନ ବାବୁଙ୍କୁ ତ ଖାତିର କରୁନଥିଲେ, ସୁରେଶଙ୍କୁ କୁଆଡ଼େ ଖାତିର କରିବେ । ବେଳକାଳ ଉଣ୍ଡି କେତେବେଳେ ମଞ୍ଚରେ ତ କେବେ ମିଡ଼ିଆ ଆଗରେ ନାଁ ନନେଇ ଝାଡ଼ି ଦେଉଛନ୍ତି । ଏଇ ନିକଟରେ ଟଙ୍କଧରଙ୍କ ମନ୍ତବ୍ୟକୁ ନେଇ ବ୍ରଜରାଜନଗର ବିଜେପି, ଝାରସୁଗୁଡ଼ା ଜିଲ୍ଲା ସଭାପତିଙ୍କ ଠାରୁ ନେଇ ସୁରେଶଙ୍କ ସମ୍ବଲପୁର ଫ୍ୟାନମାନେ ଭାରି ପ୍ରତିବାଦ କରିଛନ୍ତି । ଝାରସୁଗୁଡ଼ା ଦିନେ ଥିଲା କଂଗ୍ରେସ ଗଡ଼, ତା'ପରେ ତାହା ବିଜେଡ଼ିର ଗଡ଼ ପାଲଟି ଯାଇଥିଲା । ଆଉ ଏବେ ବିଜେପି ଗଡ଼ରେ ପରିଣତ ହୋଇଛି । ସୁରେଶ-ଟଙ୍କଧରଙ୍କ ଲଢ଼େଇ ଚାଲିଲେ ବିଚରା ପଦ୍ମବନର ଅବସ୍ଥା କ'ଣ ହେବ ଥରେ ଦି ନେତା ଭାବିଲେ ଭଲହୁଅନ୍ତା ।





## ପ୍ରଭାତୀ-ସମୀର




ନିମାପଡ଼ା କଳି ଭାରି ଜମାଣିଆ ହେଉଛି । ରାଜନୀତିକ ତାତି ଏତେ ବଢ଼ିଯାଇଛିଯେ, ଛେନାଝିଲ୍ଲୀ ବି ଖଟା ହୋଇଯାଉଛି । ଅବଶ୍ୟ ଏଇ କଳି ପାଇଁ ନିମାପଡ଼ା ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି । ଯେଉଁ କର୍ମୀଙ୍କୁ କେହିକେବେ ପଚାରୁନଥିଲେ ଏବେ ସେମାନେ ଖୋଜା ପଡୁଛନ୍ତି । ପ୍ରଭାତୀ ପରିଡ଼ା ଏବେ ଉପମୁଖ୍ୟମନ୍ତ୍ରୀ । ସେପଟେ ସମୀର ରଞ୍ଜନ ଦାସ ବହୁବାର ବିଧାୟକ ଓ ପୂର୍ବତନ ମନ୍ତ୍ରୀ । ଝିମିଟି ଖେଳରୁ ମହାଭାରତ ଭଳି ଗୋଟିଏ ମୁଣ୍ଡିଆ ମରା ଫଟୋକୁ ନେଇ ଲଢ଼େଇ ଚାଲିଛିଯେ, ଚାଲିଛି । ସ୍ଥିତି ଏମିତି ହୋଇଛିଯେ, ଦୁଇ ବିଜେପି ନେତା ପରସ୍ପରକୁ ହରାଇବା ପାଇଁ ସଂକଳ୍ପ ନେଇ ଯାଇଛନ୍ତି । ହେଲେ ଆମେ ବୁଝିପାରୁନୁ, ହାରିବ କିଏ ? ଦି ନେତା ନା ବିଜେପି ? ସେଇଟା ସମୟ କହିବ । ସମୀର ଭାବୁଥିବେ, ମୁଁ ନବୀନ-ପାଣ୍ଡିଆନଙ୍କ ଉପରେ ରାଗି ଶଙ୍ଖ ଭାଙ୍ଗିଲି । ପଦ୍ମ ଫୁଲ କେମିତି ଫୁଟିବ ଦିନରାତି କାମ କଲି । ହେଲେ ଶେଷକୁ ମୋତେ ଖମ୍ବଆଳୁ ମିଳିଲା । ଜାତି ଗଲା ହେଲେ ପେଟ ପୂରିଲାନି । ସେପଟେ ପ୍ରଭାତୀ ଭାବୁଥିବେ, ରାଜ୍ୟ ସାରା ବିଜେପିର ହାୱା ବହୁଥିଲା । ସିଏ ଯଦି ଶଙ୍ଖ ଭୋଟ୍ ଆଣି ପଦ୍ମ କିଆରୀରେ ମଡ଼େଇଦେଲେ ତାହେଲେ ଶଙ୍ଖ ବାଲା ଏତେ ଭୋଟ୍ ପାଇଲେ କେଉଁଠୁ ? ହଉ ଛାଡ଼ ସେକଥା, ତମ ସାହାଯ୍ୟରେ ପ୍ରଭାତୀ ଜିତିଲେ ବୋଲି ତମେ କ'ଣ ମୁଣ୍ଡରେ ବସିବ ନା କ'ଣ ? ଯେଉଁ ଦଳକୁ ସମୀର ବାବୁ ଦି ବର୍ଷ ହେଲା ଆସିଛନ୍ତି ସେହି ଦଳରେ ପରା ପ୍ରଭାତୀ ଦିଦଶନ୍ଧି ଖଟିଛନ୍ତି । ସେଇଥିପାଇଁ ପ୍ରଥମ ଥର ବିଧାୟିକା ହୋଇ ସିଧା ଉପମୁଖ୍ୟମନ୍ତ୍ରୀ । ପୁଣି ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ପାଇଛନ୍ତି ।

ଆଗରୁ ସମୀର ବାବୁ ଦା' ପାର୍ଟିରେ ଥିଲେ । ଏବେ ସମୀର ଯେଉଁମାନଙ୍କୁ ନେଇ ପ୍ରଭାତୀଙ୍କ ଚେର କାଟିବାକୁ ଦା' ସଜାଡୁଛନ୍ତି ସେମାନେ କୋଉ ମୂଳ ବିଜେପି ଲୋକ କି ? ସେଇ ଶଙ୍ଖୁଆଙ୍କୁ ଧରି ସମୀର ଯେତେ ନାଚିବା କଥା ନାଚନ୍ତୁ । ସେଇଟା ଅବଶ୍ୟ ସତ କଥା । ହେଲେ ମୋହନ-ମନମୋହନ ବାବୁ ସମୀରଙ୍କୁ ନିଗମ ଖଣ୍ଡେ ଦେଇ ଥଇଥାନ କରିଦେଲେ କିଛିନହେଲେ ପଞ୍ଚାୟତ ଇଲେକ୍ସନଟା ସୁରୁଖୁରୁରେ ପାର ହୋଇଯାଆନ୍ତା । ସେପଟେ ବିଜେପି କଳି ଭିତରେ ଫୁଲକୁ ଛାଟ ଦେବାପାଇଁ ଛାଟୋଇ ବାବୁ ବି ଅନେଇ ବସିଛନ୍ତି ।

## ସୁରମା-ସମ୍ବିତ




ସମ୍ବିତ ପାତ୍ର ଦିଲ୍ଲୀରେ ଭାରି ପପୁଲାର । ଢ଼େର ପାୱାର ବି ଅଛି । ଇଂରାଜୀ ଓ ହିନ୍ଦୀରେ ବି ନାଛି ଦିଅନ୍ତି । ଜଗନ୍ନାଥ ଡାକିଲେ ବୋଲି ସେ ପୁରୀ ଆଡ଼େ ମାଡ଼ି ଆସିଥିଲେ । ହେଲେ ଗଲା ଇଲେକ୍ସନ ବେଳକୁ କାହିଁକି ରଣପୁର ଆଡ଼େ ମାଡ଼ିଗଲେ ଆମକୁ ଅଜଣା । ରଣପୁର ଠେଙ୍ଗା ଏବେବି ବ୍ରିଟିଶ ମ୍ୟୁଜିୟମ୍‌ରେ ରହିଛି । ସେକଥା ଜାଣିବି ସମ୍ବିତ ବାବୁ ଫୁଲଦମରେ ସୁରମାଙ୍କ ପଛରେ ପଡ଼ିଗଲେ । ବୋଧହୁଏ ସେ ଢିଙ୍କିକୁ କାଠ ଭାବିଲେ । ସମ୍ବିତ ବାବୁଙ୍କର ବିଜେପିରେ ନାଁ ଗନ୍ଧ ନଥିବାବେଳେ ସୁରମା ଅପା ଥିଲେ ରାଷ୍ଟ୍ରୀୟ ନେତ୍ରୀ । ସମ୍ବିତ ବାବୁ ଲ୍ୟାବରେ ବସି ପରୀକ୍ଷା ନୀରିକ୍ଷା କରିବା ସମୟରେ ସୁରମା ଥିଲେ ମନ୍ତ୍ରୀ । ତେଣୁ ସୁରମା କାହିଁକି ସମ୍ବିତଙ୍କୁ ଖାତିର କରିବେ । ସେ ତ ରାଣୀଙ୍କ ଭଳି ଦଳରେ ନୂଆ ନୁହେଁ ନା ? ଚବିଶ ନିର୍ବାଚନ ବେଳେ ଜିଦ୍ କରି ଟିକେଟ ବି ବଦଳାଇଦେଲେ । ସମ୍ବିତଙ୍କ ଅହଂକୁ ଠାଏ କିନା ଦେଲେ ବୋଲି ରଣପୁର ଲୋକେ କୁହାକୁହି ହେଉଛନ୍ତି । ଏବେ ସୁରମା ଅପା ବାଚସ୍ପତି । ପ୍ରୋଟକଲରେ ଢ଼େର ଆଗରେ । ତାଙ୍କ ଲୋକ କହୁଛନ୍ତି, ରଖହୋ, ତମ ଦିଲ୍ଲୀ ଠାଣି । ସୁରମା ଅପା ପିଆଇଦେବେ ତମକୁ ପାଣି ।

## କନକବର୍ଦ୍ଧନ-ମହାଲିଙ୍ଗ




ଚବିଶ ନିର୍ବାଚନ ଫଳ ବଲାଙ୍ଗୀର ବିଜେପି ନେତାଙ୍କୁ କୁଲୁକୁଲୁ କରିଦେଇଥିଲା । କି କଥା ସେଇଠି ନବୀନ ବାବୁ ହାରିଲେ । ବଲାଙ୍ଗୀରକୁ ଛାଡ଼ିଦେଲେ ସବୁ ଆସନରେ ବିଜେପିର ଜିତାପଟ । ସାଂସଦ ବି ବିଜେପିର । ହେଲେ ଆଜ୍ଞା ଏବେ କୁଆଡ଼େ କନକବର୍ଦ୍ଧନ ଓ ମହାଲିଙ୍ଗଙ୍କ ଭିତରେ କଳି ଚାଲିଛି ବୋଲି ବଲାଙ୍ଗୀର ଆଡ଼େ ଚର୍ଚ୍ଚା ହେଉଛି । କନକବର୍ଦ୍ଧନ ରଜା ଘର ଲୋକ । ଏକଦା ବଲାଙ୍ଗୀର ବିଜେପି କହିଲେ ରାଜାରାଣୀଙ୍କୁ ହିଁ ବୁଝାଉଥିଲା । ଏବେ ସେ ଉପମୁଖ୍ୟମନ୍ତ୍ରୀ । ସେପଟେ ସରକାରୀ ଚାକିରୀ ଛାଡ଼ି ରାଜନୀତିରେ ମହାଲିଙ୍ଗ ବାବୁ ମହାନ ସଫଳତା ସାଉଁଟିଛନ୍ତି । ଦି ଥର ବିଧାୟକ, ପୁଣି ମନ୍ତ୍ରୀ ହୋଇଛନ୍ତି । ରଜା ସବୁବେଳେ ରଜା । ସେ ଚାହାନ୍ତି ସମସ୍ତେ ତାଙ୍କୁ ମାନନ୍ତୁ । ସମ୍ମାନରେ କି କଥା ମାନିବାରେ ଟିକେ ଊଣା ହେଲେ କୋପ କରିବା ଥୟ । ଏମିତିବି କେଭିଜୀଙ୍କର ନାକ ଅଗରେ ରାଗ ବସା ବାନ୍ଧିଛି । ବୋଧହୁଏ ମହାଲିଙ୍ଗ କେଉଁଠି କେମିତି ଗୋଟେ କେଭିଜୀଙ୍କର ମନଊଣା କରିଦେଇଛନ୍ତି । ହେଲେ ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ ତାଙ୍କର ଥାଟବାଟ ଅଛି । ମହାଲିଙ୍ଗ ବାବୁ ଦେଖିଚାହିଁ ଗଲେ ଭଲହୁଅନ୍ତା । ଆପଣ ପରିବେଶ ବିଜ୍ଞାନୀ । ହେଲେ ରାଜନୀତି ପରିବେଶ ପୂରା ଓଲଟା । ବିନା ବାଦଲରେ ବି ବାଦଲଫଟା ବର୍ଷା ହୁଏ । ତା'ପରେ ରାଜା ସାହେବ ବି ଜୁନିୟରଙ୍କ କଥା ବୁଝିବା ଦରକାର । ତାଙ୍କୁ ଖାଲି ମୁ-କେଶ ଭାବିଲେ କେମିତି ହେବ ? ତାଙ୍କ ଟାଇଟଲଟା ମହାଲିଙ୍ଗ । ସେ ବି ମନ୍ତ୍ରୀ । କ୍ୟାବିନେଟରେ ଆପଣଙ୍କ ଭଳି ତାଙ୍କର ବି ଚେୟାରଟେ ଅଛି ।

## ପ୍ରତାପ-ମାନସ-ସନ୍ତୋଷ





ଏତେଥର ବିଧାୟକ, ଏତେଥର ସାଂସଦ, କେନ୍ଦ୍ରମନ୍ତ୍ରୀ । ତଥାପିବି ନଳକୂଅରେ ନଗାଧୋଇଲେ ପ୍ରତାପ ନନାଙ୍କୁ ଜମା ଭଲଲାଗେନି । ତଳେ ବସି ପଖାଳ ନଖାଇଲେ ପେଟକୁ ଶାନ୍ତି ମିଳେନି । ହେଲେ ଏବେ ପ୍ରତାପ ନନାଙ୍କ ସହ ସନ୍ତୋଷ ଖଟୁଆଙ୍କର ପଡୁନି । ପଡ଼ିବ କେମିତି ? ନୀଳଗିରି ବିଜେପି ରାଇଜର ମୁକୁଟ ବିହୀନ ରାଜା ହେଉଛନ୍ତି ପ୍ରତାପ । ତା'ପରେ ନନା ଯେତେବେଳେ ସାଂସଦ ଅଛନ୍ତି ତାଙ୍କ କଥା ମାନିବା ଦରକାର । କିନ୍ତୁ ସେ ତ ଶଙ୍ଖ ଖୁଆଡ଼ରୁ ଜମ୍ପ ମାରି ସିଧା ପଦ୍ମ ପୋଖରୀରେ ସମ୍ଭେଇ ମାରିଛନ୍ତି । ସେଇଥିପାଇଁ ଜିତିବା ପରେ ନନାଙ୍କୁ କୁଆଡ଼େ ଖାତିର କରୁନଥିବା ଚର୍ଚ୍ଚା ହେଉଛି । ସେପଟେ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତଙ୍କ ବାପା ବି ବିଧାୟକ ଥିଲେ । ଯୁବ ଉନ୍ମାଦ ଭରି ରହିଛି । ପ୍ରତାପ ନନାଙ୍କ ଭଳି ତାଙ୍କର ବି ଦାଢ଼ି ରହିଛି । ତେଣୁ କଳା ଦାଢ଼ି ସହ ପାଚିଲା ଦାଢ଼ି ଭିତରେ ଗୋଟେ ଶୀତଳଯୁଦ୍ଧ ଚାଲିଛି ବୋଲି ବାଲେଶ୍ୱର ଖଟିରେ ଲୋକେ କୁହାକୁହି ହେଉଛନ୍ତି ।

# ଏତିକିରେ ସରିନି କଳି

ବିଜେପି ସାଂସଦ, ବିଧାୟକ, ଜିଲ୍ଲା ସଭାପତିଙ୍କ ମଧ୍ୟରେ ଫାଟ ଜଳଜଳ କରି ଦୃଶ୍ୟମାନ ହେଉଛି । ଜଗତସିଂହପୁରରେ ବରିଷ୍ଠ ନେତାଙ୍କ ସହ ବିଧାୟକ ଅମରେନ୍ଦ୍ର ଦାସଙ୍କର ସୁସମ୍ପର୍କ ନାହିଁ। ଏମିତିକି ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇଙ୍କ ସହ ତାଙ୍କର ଅପଡ଼ ଥିବାନେଇ ବିଜେପି ଅଳିନ୍ଦରେ ଚର୍ଚ୍ଚା ଚାଲିଥିବାବେଳେ ଗଣମାଧ୍ୟମରେ ବି ଖବର ପ୍ରକାଶ ପାଉଛି ।

ସେପଟେ କେନ୍ଦ୍ରାପଡ଼ାରେ ବୈଜୟନ୍ତ ପଣ୍ଡା ବନାମ ସାରଦା ପ୍ରଧାନଙ୍କ ମଧ୍ୟରେ ଶୀତଳଯୁଦ୍ଧ ଦେଖିବାକୁ ମିଳୁଛି । ସାରଦା ସ୍ୱାଧୀନ ବିଧାୟକ ଥିଲେବି ସେ ବିଜେପିର । କିନ୍ତୁ ବୈଜୟନ୍ତଙ୍କ ଖାସ୍ ହେଉଛନ୍ତି ସୁମନ୍ତ ଘଡ଼େଇ । ସଂଘ ସହ ଭଲ ସମ୍ପର୍କ ଥିବାରୁ ସେ ଗତଥର ବିଜେପି ଟିକେଟ୍ ପାଇଥିଲେ ।

ନୂଆପଡ଼ାରେ ଜୟ ଢୋଲକିଆଙ୍କ ସହ ଅଭିନନ୍ଦନ ପଣ୍ଡାଙ୍କର ଲଢ଼େଇ ବି ଆଉ କାହାକୁ ଅଛପା ନାହିଁ। ଜୟ ଏବେ ମୋହନ-ମନମୋହନଙ୍କର ଖାସ୍ ପାଲଟି ଯାଇଥିବାରୁ ବସନ୍ତ-ଅଭିନନ୍ଦନ କ୍ୟାମ୍ପରେ ଅସନ୍ତୋଷ ଘୂରିବୁଲୁଛି ।

ବ୍ରହ୍ମପୁରରେ ବି ସମାନ ଚିତ୍ର । ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀଙ୍କ ସହ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କର ସୁସମ୍ପର୍କ ନାହିଁ। ଉଭୟ ନିଜ ନିଜ ବାଟରେ ଚାଲିଛନ୍ତି । ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ମନ୍ତ୍ରୀ ବିଭୂତି ଜେନା ବି ମୁହାଁମୁହିଁ ସ୍ଥିତିରେ ରହିଛନ୍ତି । ଉଭୟ ଗୋପାଳପୁରର ନେତା ହୋଇଥିବାରୁ ପ୍ରଦୀପ-ବିଭୂତିଙ୍କର ଭିନ୍ନ ଭିନ୍ନ ଶିବିର ରହିଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହ ବି ଦଳର ଅନେକ ନେତାଙ୍କର ପଡୁନି । ଏମିତିକି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅପରାଜିତା ଖୋର୍ଦ୍ଧା ଜିଲ୍ଲା ରାଜନୀତିକୁ ନେଇ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି ।

ଇଏ ତ ଗଲା ବଡ଼ ନେତାଙ୍କ କଥା । ମଣ୍ଡଳ ସଭାପତିମାନଙ୍କୁ ନେଇ ପଞ୍ଚାୟତରେ କେଁ କଟର ଚାଲିଥିବାବେଳେ ଜିଲ୍ଲା ସଭାପତିଙ୍କୁ ଗ୍ରହଣ କରୁନଥିବା ନେତା ବି କରଛଡ଼ା ଦେଇ ରହୁଛନ୍ତି । ସମସ୍ତେ କେବଳ ଲୋକଦେଖାଣିଆ ଭାବେ ପ୍ଲାଷ୍ଟିକ ସ୍ମାଇଲ ହିଁ ଦେଉଛନ୍ତି । କିନ୍ତୁ ପରସ୍ପରର ଚେରକଟାର ସୁଯୋଗ ହାତଛଡ଼ା କରୁନାହାନ୍ତି ।

# ମିଡ଼ ନାଇଟ ଅପରେସନ ଓ ବିଜୟ ପଟ୍ଟନାୟକ

ମିଡ ନାଇଟ ଅପରେସନ, ଓଡିଶା ରାଜନୈତିକ ଇତିହାସରେ ଏହି ଦିନଟି ବେଶ ଗୁରୁତ୍ୱପୂର୍ଣ୍ଣ । ବିଜେଡ଼ିର ମାର୍ଗଦର୍ଶକ ଥିବା ପ୍ୟାରୀମୋହନ ମହାପାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଷଡଯନ୍ତ୍ର ରଚିଥିଲେ । ନବୀନ ବାବୁ ବିଦେଶ ଗସ୍ତରେ ଥିବାବେଳେ ପ୍ୟାରୀବାବୁ ସେତବେଳେ କିଛି ବିଧାୟକ ଏବଂ ମନ୍ତ୍ରୀଙ୍କୁ ତାଙ୍କ ସହିଦନଗର ବାସଭବନକୁ ଡାକି କ୍ଷମତା ଛଡାଇବାର ମସୁଧା କରିଥିଲେ । ଏକଥା ବିଭିନ୍ନ ଗଣମାଧ୍ୟମରେ ଦୀର୍ଘ ଚଉଦ ବର୍ଷ ଧରି ପ୍ରଚାର ହେଉଛି । ଆଗକୁ ବି ହେବ । ମାତ୍ର ଘଟଣା ପଛରେ କିଛି 'ଲୁକ୍କାୟିତ ଘଟଣା' ରହିଛି, ତାହା ମୁଁ ସାର୍ବଜନୀନ କରୁଛି । ଏ କଥା କାହାକୁ ନ କହିବାକୁ ବିଜୟ ପଟ୍ଟନାୟକ ସାର ମୋତେ ମନା କରିଥିଲେ । ମୁଁ ତାଙ୍କ କଥା ମାନି ଗୋଟିଏ ରାମାୟଣ ଯୁଗ ଲୁକ୍କାୟିତ ରଖିଥିଲି ଓ ଏବେ ଜଣାଇବାର ଶ୍ରେଷ୍ଠ ସମୟ ଭାବି ଜଣାଉଛି ।



ପ୍ରତିଟି ଗଣମାଧ୍ୟମରେ ଯଦିଓ ୧୧୧ ସହିଦନଗରରୁ ମିଡନାଇଟ ଅପରେସନ କଥା ପ୍ରକାଶ ପାଇଛି, ହେଲେ ତାହା କେତେକାଂଶରେ ସତ ନୁହେଁ । କାରଣ ପୂର୍ବାହ୍ନ ପ୍ରାୟ ସାଢେ ୯ରୁ ହିଁ ବିଜେଡି ବିଧାୟକମାନେ ପ୍ୟାରୀବାବୁଙ୍କ ଘରକୁ ଯିବା ଆରମ୍ଭ କରିଥିଲେ । ପ୍ୟାରୀ ବାବୁଙ୍କ ଜଣେ 'ପୁତୁରା'(ଏବେ ସ୍ୱର୍ଗତ) ମୋତେ ଫୋନ କରି କହିଲେ, ଦଦେଇଙ୍କ ଘରେ ୫/୬ ଜଣ ବିଧାୟକ ସାଢେ ୯ଟାରୁ ବସିଛନ୍ତି ଓ ତୁମେ ତୁମ ପ୍ରିୟ ବିଧାୟକ(ମନ୍ତ୍ରୀ) ସାଙ୍ଗଙ୍କୁ ଫୋନ କରି ପ୍ଚାର ଘଟଣା କଣ? ହେଲେ ମୋ ନାଁ କହିବ ନାହିଁ ।

- ମୁଁ ଫୋନ କଲି - ବିଧାୟକ ସାଙ୍ଗ କହିଲେ ମୁଁ ଭୁବନେଶ୍ୱରରେ ନାହିଁ, ହାଇଦ୍ରାବାଦରେ ଅଛି ଓ ଦୁଇ ଦିନ ପରେ ଫେରିବି । ଏହା ପରେ ପୁଣି ଉକ୍ତ ପୁତୁରା ଜଣକ ରାଉରକେଲା ବିଧାୟକ ତଥା ତତ୍କାଳୀନ ମନ୍ତ୍ରୀଙ୍କ ସହ କଥା ହେବାକୁ ପରାମର୍ଶ ଦେଲେ । ମୁଁ ଚାଲାକ କରି ସବୁ ଜାଣିଲା ଭଳି ଅନେକ କଥା ପଚାରିଲି । ସେ ହିଁ ପରୋକ୍ଷରେ ସବୁ ସୂଚନା ଦେଇଥିଲେ । ସମୟ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ହେବ ଓ ମୁଁ ବିଜୟ ସାରଙ୍କୁ ଫୋନ କରି ସହିଦ ନଗର ୧୧୧ କଥା ଜଣାଇଲି । ସେ ପ୍ରଥମେ ଅବିଶ୍ୱାସ କରିଥିଲେ ହେଁ ମୋତେ ସବୁ କଥା ରେକର୍ଡ କରିବାକୁ ଉପଦେଶ ଦେଲେ । ହେଲେ, ମୁଁ ଆଗୁଆ କରି ଚାଲିଥାଏ ଓ ଟଙ୍କପାଣି ରୋଡ -ଚିଲ୍ଲୀ ପୋଖରୀ ସନ୍ନିକଟ ଏକ ଟେଲିଫୋନ ବୁଥ୍‌ରେ ଏସବୁ କାର୍ଯ୍ୟ ଚଲିଥାଏ ।

ଏହା ପରେ ବାଲେଶ୍ୱର ଓ କଟକ ସଦର ବିଧାୟକଙ୍କ ସହ କୌଶଳ ପୂର୍ଣ୍ଣ କଥା ହେଲି ଓ ସମସ୍ତଙ୍କ କଥାରୁ କିଛି ନା କିଛି ତଥ୍ୟ ମିଳିଲା । ଏହାପରେ ପ୍ୟାରୀ ବାବୁଙ୍କ ଘରେ ମୋର ଜଣେ ପରିଚିତ ବନ୍ଧୁଙ୍କୁ ଫୋନ କରି ପଚାରିଲି କଥା କଣ? ବିଧାୟକମାନେ ସେଠିକୁ କାହିଁକି ଯାଇଛନ୍ତି? - ସେ କହିଲେ - ଏଇଟା ସବୁ ଦିନର କଥା ଓ ମନ୍ତ୍ରୀ / ବିଧାୟକ ଏଠାରେ ଭିଡ଼ ଜମାନ୍ତି । ପରେ ମୁଁ ପୁଣି ପୁଣି ରାଉରକେଲା ବିଧାୟକଙ୍କୁ ପଚାରିବାରୁ ସେ ସବୁ ସତ କଥା ବଖାଣିଥିଲେ । ମାତ୍ର କାହାକୁ କିଛି ନ କହିବାକୁ ମନା କରିଥିଲେ ।

ମୁଁ ବହୁତ ଭାବି ତତ୍କାଳୀନ ମୁଖ୍ୟ ସଚିବ ବିଜୟପଟ୍ଟନାୟକଙ୍କୁ ରେକର୍ଡ ହୋଇଥିବା କଥା ପଠାଇଲି । ସେ ଶୁଣିବା ମାତ୍ରେ ଇଣ୍ଟେଲିଜେନ୍ସ ଲଗାଇବା ସହ ୧୧୧, ସହିଦନଗର ଠାରୁ କିଛି ଦୁରରେ 'ପୋଲିସ ପଇଁତରା' ବ୍ୟବସ୍ଥା କରିଥିଲେ । ଅପରାହ୍ନ ପ୍ରାୟ ୧.୩୨ ସୁଦ୍ଧା ସବୁ ତଥ୍ୟ ପାଇବା ପରେ ବିଜୟ ପଟ୍ଟନାୟକ ସାର ସିଧାସଳଖ ନବୀନ ବାବୁଙ୍କୁ ଫୋନ କରି ଜଣାଇଥିଲେ ଓ ସେତେବେଳେ ନବୀନ ବାବୁ ଇଂଲଣ୍ଡରୁ ପ୍ୟାରିସ ଯାଉଥିଲେ ହେଁ ଗସ୍ତ ବାତିଲ କରି ଦିଲ୍ଲୀ ଓ ସେଠାରୁ ଭୁବନେଶ୍ୱର ଫେରି ଆସିଥିଲେ ।

**( ବରିଷ୍ଠ ସାମ୍ବାଦିକ ଜିତେନ୍ଦ୍ର ପଟ୍ଟନାୟକଙ୍କ ଫେସବୁକ୍ ପୋଷ୍ଟରୁ ଉଦ୍ଧୃତ )**

## ଷ୍ଟ୍ରାଟେଜି କଥା ପ୍ୟାରୀ ବାବୁଙ୍କୁ ଅଜଣା



ସନ୍ଧ୍ୟା ପୂର୍ବରୁ ପ୍ୟାରୀ ବାବୁଙ୍କ ଘରେ ପ୍ରାୟ ୫୬ ବିଧାୟକ/ମନ୍ତ୍ରୀ ଉପସ୍ଥିତ ହୋଇ ସାରିଥିଲେ । ବିଜୟ ପଟ୍ଟନାୟକଙ୍କ ଷ୍ଟ୍ରାଟେଜି କଥା ପ୍ୟାରୀ ବାବୁଙ୍କୁ ଅଜଣା ଥିଲା । ସେ ସବୁ ସମର୍ଥିତ ମନ୍ତ୍ରୀ ଓ ବିଧାୟକଙ୍କୁ ନେଇ ନିଜ ବାସଭବନରେ କଥାବାର୍ତ୍ତା ଶେଷ କରି ପୁଣି ଏକ ତାରକା ହୋଟେଲରେ ଯାଇ ଗୁପ୍ତ ବୈଠକ ଆରମ୍ଭ କରିଥିଲେ । ତାହା ଅପରାହ୍ନ ୫ଟାରୁ ବିଳମ୍ବିତ ରାତ୍ରି ଯାଏ ଚାଲିଥିଲା । ସେପଟେ ବୈଦ୍ୟୁତିକ ଗଣମାଧ୍ୟମ ଏକଥା ବି ଜାଣି ପାରିନଥିଲେ ଓ ପ୍ରଥମେ ଏ ଖବର ମଇ ୨୯ ରାତ୍ରୀ ୭ରେ ପ୍ରସାରଣ ହୋଇଥିଲା । ସେତେବେଳକୁ ମୋତେ ବିଜୟ ପଟ୍ଟନାୟକ ଏକ ଗାଡ଼ି ଦେଇ ଭୁବନେଶ୍ୱର ଛାଡି ଦୂରକୁ ଚାଲିଯିବାର ବ୍ୟବସ୍ଥା କରିଥିଲେ ଓ ମୁଁ ବାଲେଶ୍ୱର ଓ ବାରିପଦା ପଳାଇଗଲି । ଟିଭିରେ ନ୍ୟୁଜ ଆସିବା ପରେ ହଇଚଇ ହେଲା ଓ ଗଣମାଧ୍ୟମ ଭାଷାରେ 'ମିଡ଼ ଡେ ଅପରେସନ' ଜାଗାରେ 'ମିଡ଼ନାଇଟ ଅପରେସନ' ପ୍ରଚାର ହେବାରୁ ଆଜିଯାଏ ତାହା ଚାଲିଛି । ତେଣୁ ସରକାର ରକ୍ଷା କରିବାରେ ବିଜୟ ପଟ୍ଟନାୟକଙ୍କ ଭୂମିକା ଯେ' କ'ଣ ଥିଲା ଏଇଥିରୁ ଜାଣନ୍ତୁ ।





# ଜଗାଙ୍କୁ ଅପରାଜିତାଙ୍କ ଚ୍ୟାଲେଞ୍ଜ

# ବିଜେପିରେ ମିଶିଲେ ରୁଦ୍ର

ଭୁବନେଶ୍ୱର ମଧ୍ୟ ବିଜେପି ରାଜନୀତି ନୂଆ ମୋଡ଼ ନେଇଛି। ଦେଢ଼ ଦଶନ୍ଧି ଧରି ଭୁବନେଶ୍ୱର ମଧ୍ୟ ବିଜେପି ରାଜନୀତିକୁ ହାତମୁଠାରେ ରଖିଛନ୍ତି ଜଗନ୍ନାଥ ପ୍ରଧାନ। ଏମିତିକି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବି ଜଗାଙ୍କୁ ପାରୁନଥିଲେ। ଯାହାକୁ ନେଇ ମନେମନେ କ୍ଷୁବ୍ଧ ଥିଲେ ଅପରାଜିତା। ଜଗାଙ୍କୁ ପାନେ ଦେବା ପାଇଁ ସେ ସବୁବେଳେ ମଉକା ଖୋଜୁଥିବାବେଳେ ଏବେ ବିଜେଡ଼ି ନେତା ରୁଦ୍ର ସାମନ୍ତରାୟଙ୍କୁ ବିଜେପିରେ ସାମିଲ୍ କରାଇ ନୂଆ ଗୋଟି ଚଳାଇଛନ୍ତି। ସାଂସଦଙ୍କ ପ୍ରତିନିଧି ଭାବେ ରୁଦ୍ର ଏବେ ମଧ୍ୟ ବିଜେପିର ମଙ୍ଗ ସମ୍ଭାଳିବେ। ଅର୍ଥାତ୍ ଜଗାଙ୍କୁ କାଉଣ୍ଟର କରିବାକୁ ଅପରାଜିତା ଏଭଳି ସୁଚିନ୍ତିତ ରଣନୀତି କରିଛନ୍ତି।

**ଭୁବନେଶ୍ୱର ମଧ୍ୟ ବିଜେପି ରାଜନୀତି**

ମିଶ୍ରଣ ପର୍ବରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଦଳୀୟ କାର୍ଯ୍ୟାଳୟ ଭିତରେ ରାଜ୍ୟ ସଭାପତି ମନମୋହନ ସାମଲ ବିଜେପି ଟୋପି ଓ ଉତ୍ତରୀୟ ପିନ୍ଧାଇ ରୁଦ୍ରଙ୍କୁ ସ୍ୱାଗତ କରିଥିଲେ। ହେଲେ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଶ୍ରଣ ପର୍ବରେ କିନ୍ତୁ ସେ ସାମିଲ୍ ହୋଇନଥିଲେ। ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି, ଭୁବନେଶ୍ୱର ମଧ୍ୟର ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ ବି ଉପସ୍ଥିତ ନଥିଲେ। ସେହିପରି ଭୁବନେଶ୍ୱର ମଧ୍ୟରୁ ଟିକେଟ ଆଶାୟୀ ଥିବା ଅପରାଜିତାଙ୍କ ଅନୁଗତ ଉମେଶ ଖଣ୍ଡେଲୱାଲ ବି ଉପସ୍ଥିତ ନଥିଲେ। ମିଶ୍ରଣ ପର୍ବ ମଞ୍ଚରେ ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ଦେଖିବାକୁ ମିଳିଥିଲା। ମଞ୍ଚ ଉପରୁ ହିଁ ଅନେକ ନକରାତ୍ମକ ବାର୍ତ୍ତା ଯାଇଥିଲା କହିଲେ ଭୁଲ୍ ହେବନାହିଁ।

ଭାଷଣ କାଳରେ ଅପରାଜିତା ଏନେଇ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ଆଉ କିଛି କଥା ଗୁନ୍ଥୁରେଇବାକୁ ଉଦ୍ୟମ କରିଥିଲେ। ଭୁବନେଶ୍ୱରର ନେତା କାହିଁକି ଉପସ୍ଥିତ ରହିଲେନି ବୋଲି ପ୍ରଶ୍ନ ଉଠିବ ବୋଲି ଅପରାଜିତା ଜାଣିଥିଲେ। ତେଣୁ ସେ କହିଥିଲେଯେ, ଏହାକୁ ଭୁବନେଶ୍ୱର ବିଜେପିର ମିଶ୍ରଣ ପର୍ବ ନୁହେଁ, ବରଂ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ମିଶ୍ରଣ ପର୍ବ ବୋଲି ବୁଝିବାକୁ ହେବ। ସେହିପରି ସଂସଦୀୟ କ୍ଷେତ୍ରର ସାତ ନିର୍ବାଚନମଣ୍ଡଳୀ ମଧ୍ୟରୁ ଯଦି ୬ଟିରେ ବିକାଶ ହେଉଛି, ଯଦି ୬ ନିର୍ବାଚନମଣ୍ଡଳୀରେ ସଂଗଠନ ସଶକ୍ତ ହେଉଛି ତେବେ ଭୁବନେଶ୍ୱର ମଧ୍ୟରେ କାହିଁକି ହେବନାହିଁ? ବୋଲି ସେ କହିଥିଲେ। ନକରାତ୍ମକ ଭାବନା ନରଖି ସମସ୍ତେ ସାଙ୍ଗ ହୋଇ ସଂଗଠନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅପରାଜିତାଙ୍କୁ ମଧ୍ୟ ବିଜେପିରୁ ଭଲ ସମର୍ଥନ ମିଳୁନଥିବାରୁ ସେ ଏଭଳି ଆହ୍ୱାନ ଦେଇଥିଲେ।

## ଜଗାଙ୍କ ସହ କିଏ ?

ଭୁବନେଶ୍ୱର ମଧ୍ୟ ବିଜେପିରେ ଏବେ ଅପରାଜିତାଙ୍କ ସମର୍ଥନ ରୁଦ୍ର ସାମନ୍ତରାୟଙ୍କ ସହ ରହିବ। ତେବେ ପ୍ରଶ୍ନ ଉଠୁଛି ଜଗାଙ୍କ ସହ କିଏ ? ଜଗା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରହିଥିଲେ। ଧର୍ମେନ୍ଦ୍ରଙ୍କ ସହ ସେ ଛାଇ ଭଳି ରହିଥିଲେ। ଏବେ କିନ୍ତୁ ଫାଟ ସୃଷ୍ଟି ହୋଇଯାଇଛି। ସେପଟେ ଧର୍ମେନ୍ଦ୍ରଙ୍କ ସହ ଅଛନ୍ତି ଜଗନ୍ନାଥଙ୍କ ଭଣଜା ରାଣା ପ୍ରତାପ ପାତ୍ର। ତଥାପିବି ଜଗାଙ୍କ ଟେନସନ ନାହିଁ। କାହିଁକିନା ତାଙ୍କ ଉପରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତ ରହିଛି। ଯେଉଁଥିପାଇଁ ରୁଦ୍ରଙ୍କ ମିଶ୍ରଣ ପର୍ବରେ ମନମୋହନ ସାମିଲ୍ ହୋଇନଥିଲେ। ଜଗାଙ୍କ ବଡ଼ ଶକ୍ତି ହେଉଛି ତାଙ୍କର ସଂଗଠନ। ଭୁବନେଶ୍ୱର ମଧ୍ୟ ବିଜେପିର ଆଗଧାଡ଼ିର ନେତା ତାଙ୍କ ସହ ରହିଛନ୍ତି। କର୍ପୋରେଟରମାନେ ବି ତାଙ୍କ ସହ ଅଛନ୍ତି। ସେହିପରି ଭୁବନେଶ୍ୱର ଜିଲ୍ଲା ସଭାପତି ଭାବେ ଅତୀତରେ ଦାୟିତ୍ୱରେ ଥିବାରୁ ଭୁବନେଶ୍ୱର ଉତ୍ତର ଓ ଏକାମ୍ର ନେତା ଓ କର୍ମୀମାନେ ତାଙ୍କ ସହ ରହିଛନ୍ତି। ଏହାଛଡ଼ା ଅପରାଜିତାଙ୍କ ବିରୋଧୀ ଗୋଷ୍ଠୀର ନେତାମାନେ ବି ସ୍ୱାଭାବିକ ଭାବେ ତାଙ୍କ ସହ ଯୋଡ଼ି ହୋଇଯିବେ। ଭୁବନେଶ୍ୱର ଜିଲ୍ଲା ସଭାପତି ଓ ମଣ୍ଡଳ ସଭାପତିମାନେ ବି ଜଗାଙ୍କ ସହ ଅଛନ୍ତି। ଅପରପକ୍ଷରେ ରୁଦ୍ର ବିଜେଡ଼ିରୁ ଆସିଥିବାରୁ ପୁରୁଣା କାର୍ଯ୍ୟକର୍ତ୍ତାମାନେ ତାଙ୍କ ସହ ଯିବେ ନାହିଁ ବୋଲି ଜଗା ଅନୁଶୀଳନ କରିଛନ୍ତି। ଯେଉଁଥିପାଇଁ ସେ ନିଧଡ଼କ ଅଛନ୍ତି।

# ବିଜେପି ଯିବେ ଲକି ସ୍ୱାଇଁ



୨୦୧୯ରେ ନିରଞ୍ଜନ ପଟ୍ଟନାୟକଙ୍କ ପାଇଁ କଂଗ୍ରେସର ସଂଗଠନ ମଙ୍ଗ ଧରିଥିବା ଯୁବନେତାଇଂ ଲକି ସ୍ୱାଇଁ ଏବେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ୨୦୨୩ରେ ସେ ପିସିସି ପବ୍ଲିସିଟି କମିଟିର ଜଣେ ସଦସ୍ୟ ମଧ୍ୟ ଥିଲେ। ତାଙ୍କ ଇସ୍ତଫାକୁ ଅନେକ ବିଜେପିକୁ ଯିବାର ସଙ୍କେତ ଭାବେ ଦେଖୁଛନ୍ତି। ଯଦି ସେହିପରି ହୁଏ, ତେବେ ଏହା ଅଭିମନ୍ୟୁ ସେଠୀଙ୍କ ରାଜନୈତିକ ଶକ୍ତିକୁ ଆହୁରି ବଢ଼ାଇପାରେ।

ଶ୍ରୀ ସ୍ୱାଇଁ ଜଣେ କ୍ରୀଡା ସଂଗଠକ ଭାବେ ସାରା ରାଜ୍ୟରେ ପରିଚିତ। ନିଜ ଗ୍ରାମରେ "ଟିଲୋ କପ" ନାମରେ ଏକ ବ୍ୟୟବହୁଳ ଆନ୍ତର୍ଜାତୀୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରି ସେ ରାଜ୍ୟ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବାଂଲାଦେଶ, ଆଫଗାନିସ୍ତାନ, ନେପାଳ, ଶ୍ରୀଲଙ୍କା ଓ ମାଲେସିଆର ଦଳମାନେ ମଧ୍ୟ ଏଠାରେ ଅଂଶଗ୍ରହଣ କରିଛନ୍ତି। ଏମଏସ ଧୋନିଙ୍କ ଠାରୁ ଈଶାନ କିଷାନ ପର୍ଯ୍ୟନ୍ତ ଅନେକ ପରିଚିତ ଖେଳାଳି ମଧ୍ୟ ଏହି ପ୍ରତିଯୋଗିତା ସହ ଜଡ଼ିତ। ଏହାଛଡ଼ା ବନ୍ତ ମହୋତ୍ସବ, ବନ୍ତ ମିନି ମାରାଥନ, ବନ୍ତକୁ ଏନଏସି ମାନ୍ୟତା ଦାବି ଓ ଡିଗି ପୋଖରୀ ପୁନଃରୁଦ୍ଧାର ଭଳି ଅଞ୍ଚଳୀୟ ପ୍ରସଙ୍ଗରେ ମଧ୍ୟ ଲକି ସ୍ୱାଇଁଙ୍କ ସକ୍ରିୟ ଭୂମିକା ଦେଖାଯାଇଛି। ବିଶେଷକରି ଯୁବ ଓ ସଂଗଠନମୂଳକ ରାଜନୀତିରେ ତାଙ୍କ ପ୍ରଭାବ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ପାଇଁ ଲାଭଦାୟକ ହୋଇପାରେ ବୋଲି ଆଲୋଚନା ହେଉଛି।






# କେନ୍ଦ୍ରାପଡ଼ା କଂଗ୍ରେସ୍ ହାଲ୍‌ଚାଲ୍

**ଉତ୍କଳକେଶରୀ ପାହଡସିଂ, କେନ୍ଦ୍ରାପଡ଼ା**

କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର ୭ ବିଧାନସଭା କ୍ଷେତ୍ର ମଧ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ୫ ଓ କଟକ ଜିଲ୍ଲାରେ ୨ ଆସନ ରହିଛି। ସାଲେପୁର ଏବଂ ମାହାଙ୍ଗା କଟକରେ ଥିବାବେଳେ, କେନ୍ଦ୍ରାପଡ଼ାରେ ରହିଛି ପାଟକୁରା, କେନ୍ଦ୍ରାପଡ଼ା ସଦର, ଆଳି, ରାଜନଗର ଏବଂ ମହାକାଳପଡ଼ା। ସମସ୍ତେ ସବୁବେଳେ ବିଜେଡ଼ି ଓ ବିଜେପିର ସ୍ଥିତି ପରଖୁଥିବାବେଳେ କଂଗ୍ରେସକୁ କିନ୍ତୁ ନଜର ଅନ୍ଦାଜ କରିଥା'ନ୍ତି।

ଏକଦା କେନ୍ଦ୍ରାପଡ଼ା, ଆଳି, ରାଜନଗରରେ କଂଗ୍ରେସର ଭଲ ଭୋଟ୍ ବ୍ୟାଙ୍କ ଥିଲା। କିନ୍ତୁ ନେତାଙ୍କ ଦଳବଦଳ ପାଇଁ କେନ୍ଦ୍ରାପଡ଼ା ଓ ରାଜନଗରରେ କଂଗ୍ରେସ ସ୍ଥିତି ଦୋହଲିଯାଇଛି। ତେବେ ଆଳିରେ ଏବେବି କଂଗ୍ରେସର ଭୋଟ୍ ବ୍ୟାଙ୍କ ବଜାୟ ରହିଛି।

## ରତିକାନ୍ତଙ୍କ ପାଇଁ ପାଟକୁରାରେ ଆଶା ବାନ୍ଧିଛି କଂଗ୍ରେସ୍

୨୦୨୪ ନିର୍ବାଚନରେ ପାଟକୁରାରେ କଂଗ୍ରେସ ପ୍ରାର୍ଥୀ ଥିଲେ ଯୁବନେତା ରତିକାନ୍ତ କାନୁନଗୋ। ୨୦୧୯ରେ ଜୟନ୍ତ କୁମାର ମହାନ୍ତି କଂଗ୍ରେସରୁ ପ୍ରାର୍ଥୀ ହୋଇ ମାତ୍ର ୧.୧୮% ଭୋଟ୍ ପାଇଥିଲେ। ହେଲେ ରତିକାନ୍ତଙ୍କ ପାଇଁ କଂଗ୍ରେସର ଭୋଟ୍ ୬.୬୦%ରେ ପହଁଚିଥିଲା। ଯାହାକି କଂଗ୍ରେସ କର୍ମୀଙ୍କୁ ଉତ୍ସାହିତ କରିଛି। ବହୁ ପଛରେ ପଡ଼ିଥିଲେବି ରତିକାନ୍ତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ୫୧ ପଞ୍ଚାୟତରେ ସଂଗଠନକୁ ବଢ଼ାଇବା ପାଇଁ ଲାଗି ପଡ଼ିଛନ୍ତି। ସେପଟେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିଜ ଦଳରୁ ବିଦାହେବା ପରେ ବିଜେଡ଼ିରେ ଅସ୍ଥିରତା ସୃଷ୍ଟି ହୋଇଛି। ତାହାର ଫାଇଦା ଉଠାଇ ବିଜେଡିର କିଛି ପଞ୍ଚାୟତସ୍ତରୀୟ ସଂଗଠକ ଅର୍ଥାତ୍ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ଆଶାୟୀଙ୍କୁ ନିଜ କ୍ୟାମ୍ପକୁ ଆଣିବା ପ୍ରୟାସରେ ରତିକାନ୍ତ ଲାଗିପଡ଼ିଛନ୍ତି। ସାଂଗଠନିକ ଦକ୍ଷତା ଥିବା ରତିକାନ୍ତ ଯଦି ବିଜେଡ଼ି କ୍ୟାମ୍ପରେ ଲାଗିଥିବା ଅସ୍ଥିରତାର ଫାଇଦା ଉଠାଇବାରେ ସଫଳ ହୁଅନ୍ତି, ତେବେ ପଞ୍ଚାୟତ ନିର୍ବାଚନରେ ପାଟକୁରାରେ କଂଗ୍ରେସ୍ ଅପ୍ରତ୍ୟାଶିତ ସଫଳତା ପାଇପାରିବ।




## କେନ୍ଦ୍ରାପଡ଼ା ସଦରରେ କଂଗ୍ରେସ୍ ଦୁର୍ବଳ

କେନ୍ଦ୍ରାପଡ଼ା ସଦର ହେଉଛି ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀ। ସେଠାରେ ଗଣେଶ୍ୱର ବେହେରା ହିଁ କଂଗ୍ରେସକୁ ମଜବୁତ୍ ରଖିଥିଲେ। କିନ୍ତୁ ୨୦୨୪ ନିର୍ବାଚନ ପୂର୍ବରୁ ଗଣେଶ୍ୱର କଂଗ୍ରେସ ଛାଡ଼ି ବିଜେଡ଼ିରେ ଯୋଗଦେବା ସହ ବିଧାୟକ ହେବାରେ ସଫଳ ହୋଇଛନ୍ତି। କିନ୍ତୁ ଗଣେଶ୍ୱରଙ୍କ ସହ ପୁରୁଣା କଂଗ୍ରେସ କର୍ମୀ ବିଜେଡ଼ିକୁ ଚାଲି ଯାଇଥିବାରୁ ସେଠାରେ ଦଳର ସଂଗଠନ ଭୁଷୁଡ଼ିଯାଇଛି। ୨୦୧୯ରେ ସେଠାରେ କଂଗ୍ରେସ ପ୍ରାୟ ୪୦ ପ୍ରତିଶତ ଭୋଟ୍ ପାଇଥିବାବେଳେ ଏବେ ତାହା ୪.୮%କୁ ଖସିଆସିଛି। ଗତଥର ସେଠାରୁ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ କଂଗ୍ରେସରୁ ଲଢ଼ିଥିଲେ। ନିର୍ବାଚନର ଦୁଇ ବର୍ଷ ପରେବି ସିପ୍ରାଙ୍କ ନେତୃତ୍ୱରେ କଂଗ୍ରେସ ଆଗେଇଥିବା ମନେହେଉନାହିଁ।

## ଆଳିରେ ଟକ୍କର ଦେବ କଂଗ୍ରେସ

୨୦୨୪ରେ ଆଳିରେ କଂଗ୍ରେସ ମୁଖ୍ୟ ବିପକ୍ଷ ଦଳ ଭାବେ ସଫଳତା ପାଇଥିଲା। ଜିଲ୍ଲାର ଅନ୍ୟ ବିଧାନସଭା କ୍ଷେତ୍ରମାନଙ୍କ ଅପେକ୍ଷା ଆଳି ନିର୍ବାଚନ ଫଳାଫଳ ବେଶ୍ ଭଲ ଥିଲା। ବିଜେଡ଼ି ଜିତିଥିବାବେଳେ ଆଳିରେ ବିଜେପିକୁ ପଛରେ ପକାଇ କଂଗ୍ରେସ୍ ଦ୍ୱିତୀୟ ସ୍ଥାନରେ ରହିବାର ସକ୍ଷମ ହୋଇଥିଲା।

୨୦୧୪ ରେ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ଏହି ଆସନରେ ଜିତିଥିଲେ। ତେଣୁ ଆଳିରେ ଦଳର ପୁରୁଣା ଭୋଟ ବ୍ୟାଙ୍କ ରହିଥିଲା। ଦେବେନ୍ଦ୍ର ଶର୍ମାଙ୍କ କନ୍ୟା ଡ଼.ଦେବସ୍ମିତା ଶର୍ମାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଦଳ ଛିଡ଼ା କରିବା ହେତୁ ପୁରୁଣା ଭୋଟ ବ୍ୟାଙ୍କ ଏବଂ ପିତା ଦେବେନ୍ଦ୍ର ଶର୍ମାଙ୍କ ସଂଗଠନ ବେଶ୍ ସହାୟକ ହୋଇଥିଲା। ଫଳରେ ଆଳିରେ ଦଳ ୩୧% ଭୋଟ ପାଇଥିଲା। ବର୍ତ୍ତମାନ ଦେବସ୍ମିତା ଜିଲ୍ଲା କଂଗ୍ରେସ୍ ସଭାପତି ମଧ୍ୟ ହୋଇସାରିଛନ୍ତି। ସଂଗଠନକୁ ଆଗକୁ ନେବାରେବି ସଫଳ ହେଉଛନ୍ତି। ଛାତ୍ର ସଭାପତି ଦିବ୍ୟରଞ୍ଜନ ରାଉତ ଓ ନିକଟରେ ନିଯୁକ୍ତି ପାଇଥିବା ଜିଲ୍ଲା ଯୁବ ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ରାଉତ ଉଭୟ ଆଳି ନିର୍ବାଚନ ମଣ୍ଡଳୀର ହୋଇଥିବାରୁ ଆଳି ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ଜୋନ୍‌ମାନଙ୍କରେ ଦଳର ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ତେବେ ସମୟ କହିବ ଦେବସ୍ମିତାଙ୍କୁ ସାଧାରଣ ନିର୍ବାଚନରେ ମିଳିଥିବା ଭୋଟ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ୍ ବାକ୍ସରେ ପଡୁଛି ନା ଆଉ କେଉଁ ଦଳ ପକେଟ୍‌କୁ ଚାଲିଯାଉଛି?

## ନେତୃତ୍ୱ ବିହୀନ ରାଜନଗର କଂଗ୍ରେସ୍

୨୦୨୪ ନିର୍ବାଚନ ପୂର୍ବରୁ ଅଂଶୁମାନ ମହାନ୍ତି କଂଗ୍ରେସ୍ ଛାଡି ବିଜେଡ଼ିରେ ମିଶିବା ପରେ ଦୁର୍ବଳ ହୋଇପଡ଼ିଥିଲା ରାଜନଗର କଂଗ୍ରେସ୍। ନିର୍ବାଚନରେ କାହାକୁ ବିଧାୟକ ପ୍ରାର୍ଥୀ କରାଯିବ ବୋଲି ଦଳୀୟ ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଭାଳେଣୀ ପଡ଼ିଥିଲା। ବିଲେଇ କପାଳକୁ ଶିକା ଛିଣ୍ଡିବା ଭଳି ଚାରିଥର ରାଜନଗର ବିଜେଡ଼ିର ବ୍ଲକ ସଭାପତି ଥିବା ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ ବିଜେଡ଼ି ଛାଡ଼ି ଦେଇଥିଲେ। ବିଧାୟକ ଧ୍ରୁବ ସାହୁଙ୍କ ସହିତ ମତଭେଦ କାରଣରୁ ଦଳରୁ ଇସ୍ତଫା ଦେଇଥିଲେ। କଂଗ୍ରେସ୍ ତାଙ୍କୁ କୋଳେଇ ନେଇ ବିଧାୟକ ପ୍ରାର୍ଥୀ କରିଥିଲେ। କିନ୍ତୁ ନିକଟ ଅତୀତରେ ଅଶୋକ ମଧ୍ୟ ରାଜନଗର କଂଗ୍ରେସ୍ ହାତ ଛାଡି ରାଜ୍ୟରେ ନୂଆକରି ଆତ୍ମ ପ୍ରକାଶ ପାଇଥିବା ମହମ୍ମଦ ମୋକିମ୍‌ଙ୍କ ଜନତା କଂଗ୍ରେସ୍ ଦଳରେ ମିଶିଛନ୍ତି। ଫଳରେ ରାଜନଗର କଂଗ୍ରେସ ପୁଣି ଥରେ ନେତୃତ୍ୱ ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି।

## ବିଭ୍ରାଂଶୁଙ୍କୁ ପ୍ରାର୍ଥୀ ନକରି ଘାଟାରେ ମହାକାଳପଡ଼ା କଂଗ୍ରେସ୍

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ସାଧାରଣତଃ ମୁଖ୍ୟ ଲଢ଼ାଇ ଦେଖିବାକୁ ମିଳିଥାଏ ବିଜେଡ଼ି ଏବଂ ବିଜେପି ମଧ୍ୟରେ। ୨୦୨୪ ନିର୍ବାଚନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। କେବଳ ଫରକ ଥିଲାଯେ, ଜିଲ୍ଲାର ଅନ୍ୟ ସମସ୍ତ ୪ ବିଧାନସଭା କ୍ଷେତ୍ରରେ ବିଜେଡ଼ିର ବିଧାୟକ ପ୍ରାର୍ଥୀ ବିଜେତା ହୋଇଥିବା ବେଳେ କେବଳ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପି ବାଜିମାତ୍ କରିଥିଲା। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଲୋକନାଥ ମହାରଥୀ ୨%ରୁ କମ୍ ଭୋଟ୍ ପାଇଥିଲେ। ସ୍ୱର୍ଗତ କଂଗ୍ରେସ୍ ନେତା ବଳରାମ ପରିଡାଙ୍କ ଦେହାନ୍ତ ପରଠାରୁ ଦୀର୍ଘ ଦଶନ୍ଧି ହେବ ମହାକାଳପଡ଼ାରେ କଂଗ୍ରେସ୍ ସ୍ଥିତି ଶୋଚନୀୟ ହୋଇପଡ଼ିଛି। ୨୦୧୯ ନିର୍ବାଚନରେ କଂଗ୍ରେସର ଯୁବ ନେତା ବିଭ୍ରାଂଶୁ ଶେଖର ଲେଙ୍କା ବିଧାୟକ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିଲେ। ସେବେଠାରୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜିଲ୍ଲା ପରିଷଦ ଜୋନ୍‌ରେ ବୁଲି ଭୁଷୁଡ଼ି ପଡ଼ିଥିବା ସଂଗଠନକୁ ସଜାଡ଼ିବା ପାଇଁ ପ୍ରୟାସ ମଧ୍ୟ କରୁଥିଲେ। କିନ୍ତୁ ବିଭ୍ରାଂଶୁଙ୍କୁ ଅଣଦେଖା କରି ହଠାତ୍ ଲୋକନାଥଙ୍କୁ ଦଳ ବିଧାୟକ ପ୍ରାର୍ଥୀ କରିଥିଲା। ଏବେ ବିଭ୍ରାଂଶୁ ପୁଣି ନିଜର ତଥା ଦଳୀୟ ସଂଗଠନ ବଢ଼ାଇବା ଦିଗରେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଯଦି ବିଭ୍ରାଂଶୁ ନୂଆ ସ୍ଥାନୀୟ ନେତୃତ୍ୱ, ସକ୍ରିୟ କର୍ମୀ ଓ ଗ୍ରାମ ସ୍ତରରେ ସଂଗଠନ ତିଆରି କରିବାରେ ସଫଳ ହୁଅନ୍ତି ତେବେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ୍ ଖାତାକୁ କିଛି ଆସନ ଯାଇପାରେ!

ଗର୍ବିତ ଓଡିଆ
ODIA WEEKLY • GARVIT ODIA



ଓଡ଼ିଶା ଛାତ୍ର ରାଜନୀତିରେ ଏକ ପରିଚିତ ଚେହେରା ହେଉଛନ୍ତି ପାର୍ଥ ସାରଥି ମୁଦୁଲି । ବିପିୟୁଟିରେ ପଢ଼ିବା ବେଳଠାରୁ ସେ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଥିଲେ । ଯୁବ ଓ ଛାତ୍ରଙ୍କ ହକ୍ ପାଇଁ ଲଢ଼େଇ କରୁଥିବା ପାର୍ଥ ଏବେ କ୍ରାନ୍ତିସେନା ଗଢ଼ିଛନ୍ତି ।
**ଏକ ବିକଳ୍ପ ରାଜନୀତିକ ଶକ୍ତି ପାଇଁ ସେ କ'ଣ ଚିନ୍ତା କରୁଛନ୍ତି, ସେନେଇ ଜାଣିବାକୁ ଚାହିଁଥିଲା 'ଗର୍ବିତ ଓଡିଆ' ।**

# ଯୁବପୀଢ଼ିଙ୍କୁ ହତାଦର କଲେ ଶାସନ ଦୋହଲିଯିବ

## - ଇଂ ପାର୍ଥସାରଥୀ ମୁଦୁଲି





**?** **ଦିନେ ଆପଣ ବିଜେଡ଼ି ପାଇଁ ଗର୍ଜୁଥିଲେ । ଶଙ୍ଖନାଦ କରୁଥିଲେ । କିନ୍ତୁ ଏମିତି ଏକ ସମୟ ଆସିଲା ଆପଣ ଦଳ ବିରୋଧରେ ଗର୍ଜିଲେ । ଦଳ ବି କାର୍ଯ୍ୟାନୁଷ୍ଠାନ ନେଲା । ଏମିତି କାହିଁକି ହେଲା?**

ମୁଁ ଛାତ୍ର ଜୀବନରୁ ବିଜେଡି ସହ ସମ୍ପୃକ୍ତ ଥିଲି । ବିଜୁ ବାବୁଙ୍କ ଆଦର୍ଶ ଓ ନବୀନ ବାବୁଙ୍କ ନେତୃତ୍ୱ ପ୍ରତି ଆକର୍ଷିତ ଥିଲି । ଆଉ ବିଜେଡି ଓଡ଼ିଶାର ସ୍ୱାର୍ଥ ପାଇଁ ଗଠନ ହେଇଥିଲା । ତେଣୁ ମୋ ପରି ଯୁବ ପିଢ଼ି ପାଇଁ ଏହା ଆକର୍ଷଣ ରହିବା ସ୍ୱାଭାବିକ । ନିର୍ବାଚନ ପରେ ମୁଁ ଦଳ ବିରୋଧରେ ଗର୍ଜନ କରି ନ ଥିଲି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି କେବେ ପ୍ରଶ୍ନ ଉଠାଇନି । ମୁଁ ଦଳର କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲି । ଗୋଟେ ଲମ୍ବା ଭବିଷ୍ୟତ ପାଇଁ ଦଳର ପରିଚାଳନା ଠିକ୍ ହଉ ବୋଲି କହୁଥିଲି । କିଛି ଲୋକଙ୍କ କାର୍ଯ୍ୟଧାରାକୁ ସମାଲୋଚନା କଲି । ଏଥିରେ ଯାହାର ସ୍ୱାର୍ଥ ବାଧାପ୍ରାପ୍ତ ହେଲା, ସେ ନବୀନ ନିବାସରେ ଭୁଲ ସୂଚନା ଦେଇ ମୋତେ ନିଲମ୍ବିତ କଲେ । କିନ୍ତୁ ମୁଁ ସବୁବେଳେ ଛାତ୍ର ସମସ୍ୟା ନେଇ ଲଢୁଛି । ରାଜ୍ୟର ସ୍ୱାର୍ଥ ପାଇଁ ସ୍ୱର ଉଠାଉଛି ।

**ପଞ୍ଚାୟତ ନିର୍ବାଚନ ପରେ ସ୍ପଷ୍ଟ ହେବ ରାଜ୍ୟ ରାଜନୀତି**

**?** **ଆପଣଙ୍କ ଦୃଷ୍ଟିରେ ସାମ୍ପ୍ରତିକ ସମୟରେ ଓଡ଼ିଶାର ରାଜନୀତିକ ଗତି କୁଆଡ଼କୁ ଯାଉଛି ?**

ରାଜ୍ୟରେ ସରକାର ଅଛି ବୋଲି ଲୋକ ଜାଣି ପାରୁନାହାନ୍ତି । କିଛି ବିକାଶମୂଳକ କାମ ହଉନି । ରାଜ୍ୟ ପଛକୁ ପଛକୁ ଚାଲିଛି । ଶାସକ ଦଳ ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ର ଥିଲେ ବି ସେମାନେ ଶାସନରେ ଥିବାରୁ ତାହାକୁ ପ୍ୟାଚ ପକେଇ ଦେଉଛନ୍ତି । କଂଗ୍ରେସ ଏ ଯାଏଁ ନିଜକୁ ମଜଭୁତ୍ କରି ପାରୁନି । ବିଜେଡି ଓ ନବୀନ ପଟ୍ଟନାୟକଙ୍କ ଉପରେ ଏବେ ବି ଲୋକଙ୍କ ଭରସା ରହିଛି । ଆସନ୍ତା ବର୍ଷ ପଞ୍ଚାୟତ ଓ ପୌର ନିର୍ବାଚନ ପରେ ରାଜନୈତିକ ଚିତ୍ର ଅଧିକ ସ୍ପଷ୍ଟ ହେବ ।

**?** **ଆଜିକାଲି ଜେନ୍-ଜିକୁ ନେଇ ସାରା ଦେଶରେ ଚର୍ଚ୍ଚା । ଧିରେଧିରେ ଯୁବପୀଢ଼ିଙ୍କ ମନୋଭାବ ବଦଳିଯାଇଛି । ଜେନ୍-ଜିମାନେ ରାଜନୀତିକ ଆନ୍ଦୋଳନ କରିବା ଦରକାର ନା ଶିକ୍ଷା ଓ କ୍ୟାରିୟର ଉପରେ ଧ୍ୟାନ ଦେବା ଦରକାର ?**

ଜେନ୍-ଜି ଯୁବପୀଢ଼ି ଦେଶର ଭବିଷ୍ୟତ, ତେଣୁ ସେମାନଙ୍କ ପାଇଁ ଶିକ୍ଷା ଓ କ୍ୟାରିୟରକୁ ପ୍ରାଥମିକତା ଦେବା ଆବଶ୍ୟକ । କିନ୍ତୁ ଏହା ସହିତ ରାଜନୀତିକ ସଚେତନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ ପ୍ରତି ଅବଗତ ରହିବା ମଧ୍ୟ ଜରୁରୀ । ଆଜିର ଜେନ୍-ଜି ଦେଶର ସାମାଜିକ, ଆର୍ଥିକ ଓ ରାଜନୀତିକ ଭବିଷ୍ୟତର ମୁଖ୍ୟ ଶକ୍ତି । ସେହିପରି ସେମାନଙ୍କ ପାଇଁ କେବଳ ଶିକ୍ଷା ଓ କ୍ୟାରିୟରରେ ସୀମିତ ରହିବା କିମ୍ବା କେବଳ ରାଜନୀତିକ ଆନ୍ଦୋଳନରେ ନିୟୋଜିତ ହେବା- ଉଭୟ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ନୁହେଁ । ପ୍ରଥମେ ଉଚ୍ଚଶିକ୍ଷା, କୌଶଳ ବିକାଶ ଓ ପେଶାଗତ ସ୍ଥିରତା ହାସଲ କରିବା ଆବଶ୍ୟକ । ଜେନ୍-ଜିମାନେ ଶିକ୍ଷା ଓ କ୍ୟାରିୟରକୁ ପ୍ରାଥମିକତା ଦେଇ ସମାନ୍ତରାଳ ଭାବେ ରାଜନୀତିକ ସଚେତନତା ଓ ସକାରାତ୍ମକ ସାମାଜିକ ଅଂଶଗ୍ରହଣକୁ ଅଙ୍ଗୀକାର କରିବା ଉଚିତ ।

**?** **ସମସ୍ତେ କହୁଛନ୍ତି ଯୁବ ଓ ଛାତ୍ର ସମାଜ ଆଗକୁ ଆସନ୍ତୁ । କିନ୍ତୁ ଆପଣ ଦେଖିବେ ଜିଲ୍ଲାପରିଷଦ, କାଉନସିଲର, ବିଧାୟକ ଟିକେଟ ବଣ୍ଟନ ବେଳେ ସେମାନଙ୍କୁ ଅଣଦେଖା କରାଯାଏ । ଯଦି ରାଜନୀତିରେ କିଛି ନହେବୁ ତେବେ କ'ଣ ଜିନ୍ଦାବାଦ ପକାଇବାକୁ ସେମାନେ ଯିବେ କି ?**

ଯୁବ ଓ ଛାତ୍ର ସମାଜ ଗଣତନ୍ତ୍ରର ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଂଶ । କୌଣସି ରାଜନୀତିକ ଦଳ କିମ୍ବା ସାମାଜିକ ଆନ୍ଦୋଳନରେ ଯୁବଶକ୍ତିର ଭୂମିକା ଅପରିହାର୍ଯ୍ୟ । କିନ୍ତୁ ୯୦ ଦଶକରୁ ରାଜନୀତିରେ ପ୍ରଭାବଶାଳୀ ଥିବା କିଛି ନେତୃତ୍ୱଙ୍କର ଭାବନା ରାଜନୀତି ସେମାନଙ୍କ ପୈତୃକ ସଂପତ୍ତି । କୌଣସି ସାଧାରଣ ପରିବାର ପିଲା ଆମ ପୁଅମାନଙ୍କ ଉପରେ ଭାରି ନହୋଇଯାଆନ୍ତୁ । ଯୁବ ନେତୃତ୍ୱଙ୍କୁ ଦେଖିବାକୁ ଚାହୁଁଛି ଓଡିଶା । ବର୍ଷ ବର୍ଷ ଧରି ଓଡିଶା ରାଜନୀତିକୁ ଚିପୁଡି ଦେଇଥିବା ସବୁ ଚିରାଚରିତ ନେତାଙ୍କୁ ବୟକଟ କରି ସମସ୍ତ ଦଳର ନୂଆ ନୂଆ ଯୁବ ନେତୃତ୍ୱମାନଙ୍କୁ ଓଡ଼ିଶା ଦେଖିବାକୁ ଚାହୁଁଛି ।

**ଓଡ଼ିଶାବାସୀ ଯୁବ ନେତୃତ୍ୱଙ୍କୁ ଦେଖିବାକୁ ଚାହୁଁଛନ୍ତି**

**?** **ଅନେକ ସମୟରେ ରାଜନୀତିକ ସୁଯୋଗ କିଛି ନିର୍ଦ୍ଦିଷ୍ଟ ପରିବାର କିମ୍ବା ପୁରୁଣା ନେତୃତ୍ୱ ମଧ୍ୟରେ ସୀମିତ ରହୁଥିବାର ଅଭିଯୋଗ ଉଠେ, ଯାହା ଯୁବ ଓ ଛାତ୍ର ସମାଜର ଆଶାକୁ ମଉଳାଇ ଦେଉଛି ।**

ଆମର କ୍ରାନ୍ତି ସେନା ସ୍ପଷ୍ଟ କରୁଛିଯେ, ସୁଯୋଗ ମିଳିଲେ ଯୁବ ଓ ଛାତ୍ର ସମାଜକୁ ଆଗକୁ ଆଣି ସେମାନଙ୍କୁ ପ୍ରାର୍ଥୀ କରିବାକୁ ପ୍ରାଥମିକତା ଦିଆଯିବ । କାରଣ ନୂଆ ଚିନ୍ତାଧାରା, ଜନସମସ୍ୟା ପ୍ରତି ସମ୍ବେଦନଶୀଳତା ଓ ପରିବର୍ତ୍ତନର ଆକାଂକ୍ଷା ନେଇ ଯୁବପୀଢ଼ି ହିଁ ସୁସ୍ଥ ଓ ଶକ୍ତିଶାଳୀ ଗଣତନ୍ତ୍ରର ଭିତ୍ତିକୁ ମଜବୁତ କରିପାରିବେ ।

**?** **ବିଜେଡ଼ିରୁ ଯିବା ପରେ ଆପଣ 'ଯୁବଛାତ୍ର କ୍ରାନ୍ତି ଦଳ' ଗଢ଼ିଛନ୍ତି । ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ?**

କ୍ରାନ୍ତି ସେନା କେବଳ ଏକ ସଂଗଠନ ନୁହେଁ, ଏହା ଓଡ଼ିଶାର ଯୁବ ଓ ଛାତ୍ର ସମାଜର ସ୍ୱର, ସ୍ୱାଭିମାନ ଓ ଜନଆକାଂକ୍ଷାର ଏକ ସଶକ୍ତ ମଞ୍ଚ । କ୍ରାନ୍ତି ସେନା ବିଦ୍ରୋହ ଓ ବିପ୍ଳବର ଚେତନାରୁ ସୃଷ୍ଟି- ଏକ ନୂତନ ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ସଂକଳ୍ପ । ଶିକ୍ଷା, ନିଯୁକ୍ତି, ସାମାଜିକ ନ୍ୟାୟ, ଯୁବ ନେତୃତ୍ୱ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆଧାର କରି ଏକ ସଶକ୍ତ, ସଚେତନ ଓ ପ୍ରଗତିଶୀଳ ଓଡ଼ିଶା ଗଢ଼ିବା ହେଉଛି କ୍ରାନ୍ତି ସେନାର ମୂଳ ଲକ୍ଷ୍ୟ । ୨୦୦୪ରୁ ଓଡିଶା ଇଂଜିନିୟରିଂ କଲେଜରୁ ଇଂଜିନିୟରିଂ ପଢିବାବେଳେ ଛାତ୍ର ରାଜନୀତିର ନେତୃତ୍ୱ ନେଲି ଆମେ ବିପିୟୁଟି ଛାତ୍ରସଂଘ ଗଠନ କଲୁ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ଏହି ସଂଗଠନ ୨୦ ବର୍ଷ ଧରି ଆଜିଯାଏ ସଫଳତାର ସହ କାର୍ଯ୍ୟ କରିବା ସହ ରାଜ୍ୟର ଏକ ବୃହତ୍ତମ ଛାତ୍ର ସଂଗଠନର ରୂପ ନେଇଛି । ସେହିଭଳି କ୍ରାନ୍ତି ସେନା ଯୁବ ଛାତ୍ରଙ୍କ ସ୍ୱର । କ୍ରାନ୍ତି ସେନା ବିଦ୍ରୋହ ବିପ୍ଳବରୁ ସୃଷ୍ଟି । ଓଡିଶାର ଯୁବ , ଛାତ୍ର ଛାତ୍ରୀଙ୍କ ସ୍ୱର ହେବା ସହ ସେମାନଙ୍କ ସମ୍ମାନ, ସ୍ୱାଭିମାନ ଓ ଅଧିକାର ପାଇଁ ସଂକଳ୍ପବଦ୍ଧ ।

**?** **ସମ୍ପ୍ରତି ରାଜନୀତି କରିବାକୁ ବିପୁଳ ଟଙ୍କା ଦରକାର । ସଂଗଠନ କରିବାକୁ କୋଟି କୋଟି ଉଡ଼ିଯାଉଛି । ଆପଣ କ'ଣ ଏତେ ଟଙ୍କା ଖର୍ଚ୍ଚ କରିପାରିବେ ?**

ସମ୍ପ୍ରତି ରାଜନୀତିରେ ସଂଗଠନ ଓ ପ୍ରଚାର ପାଇଁ ବିପୁଳ ଅର୍ଥ ଦରକାର ହେଉଥିବା ସତ୍ୟ, କିନ୍ତୁ କେବଳ ଟଙ୍କା ହିଁ ସଫଳ ରାଜନୀତିର ମାପକ ନୁହେଁ । ଲୋକ ସମର୍ଥନ, ନୀତିନିଷ୍ଠା, ସଂଗଠନ କ୍ଷମତା ଓ ଜନସେବା ପ୍ରତି ଆନ୍ତରିକତା ଅଧିକ ଗୁରୁତ୍ୱପୂର୍ଣ୍ଣ ।

**?** **ବିଜେଡ଼ିରୁ ଯିବା ପରେ ବି ଆପଣ ରାଜନୀତିରେ ବେଶ୍ ସକ୍ରିୟ ଅଛନ୍ତି । ଆଜିକାଲି ବିଜେପି ସରକାରଙ୍କୁ ବି ଘେରୁଛନ୍ତି । ଏମିତିକି ବିଜେଡ଼ି ବିରୋଧରେ ବି ଆଉ ଶାଣିତ ଆକ୍ରମଣ କରୁନାହାନ୍ତି । ପୁଣିଥରେ ଦଳକୁ ଫେରିବାକୁ ଆପଣଙ୍କ ସହ ବିଜେଡ଼ି ନେତାମାନେ ଯୋଗସୂତ୍ରରେ ଅଛନ୍ତି କି ?**

ମୁଁ ଛାତ୍ର ରାଜନୀତିରୁ ହିଁ ବିଜେଡ଼ି ସହ ଜଡିତ ଥିଲି ଏବଂ ଦଳର ଆଦର୍ଶ ଓ ବିଚାରଧାରା ସହ ମୋର ଏକ ଆତ୍ମୀୟ ସମ୍ପର୍କ ରହିଛି । ମୋର ରାଜନୈତିକ ସଂଘର୍ଷ କୌଣସି ଦଳ ବିରୋଧରେ ନୁହେଁ, ବରଂ ଜନବିରୋଧୀ ନୀତି, ଅବ୍ୟବସ୍ଥା ଓ ଲୋକଙ୍କ ସମସ୍ୟା ବିରୋଧରେ । ବିଜେଡ଼ିକୁ ଫେରିବାକୁ ନେଇ ଯେଉଁ ଚର୍ଚ୍ଚା ହେଉଛି, ସେସବୁ ରାଜନୈତିକ ଅନୁମାନ । ଆଜି ମୋର ପ୍ରାଥମିକତା ହେଉଛି ଓଡ଼ିଶାର ଯୁବ, ଛାତ୍ର ଓ ସାଧାରଣ ଲୋକଙ୍କ ସ୍ୱରକୁ ଆହୁରି ସଶକ୍ତ କରିବା ।

**ବିଜେଡ଼ିକୁ ଫେରିବାକୁ ନେଇ ଯେଉଁ ଚର୍ଚ୍ଚା ହେଉଛି, ସେସବୁ ରାଜନୈତିକ ଅନୁମାନ**

**?** **ସାମ୍ପ୍ରତିକ ସମୟରେ ରାଜ୍ୟର ବଡ଼ ସମସ୍ୟା କ'ଣ ? ଏଥିପାଇଁ ଆପଣ କାହାକୁ ଦାୟୀ କରିବେ ?**

ମୋ ଦୃଷ୍ଟିରେ ଆଜି ଓଡ଼ିଶାର ସବୁଠାରୁ ବଡ଼ ସମସ୍ୟା ହେଉଛି ଆଇନ-ଶୃଙ୍ଖଳାର ଅବନତି, ବଢୁଥିବା ଅପରାଧ ଏବଂ ପ୍ରଶାସନିକ କାର୍ଯ୍ୟକ୍ଷମତାର ଅଭାବ । ଲୋକମାନେ ଆଶା କରିଥିଲେ, ନୂଆ ସରକାର ଆସିଲେ ଶାସନ ବ୍ୟବସ୍ଥାରେ ଦ୍ରୁତ ପରିବର୍ତ୍ତନ ଆସିବ । କିନ୍ତୁ ଅନେକ କ୍ଷେତ୍ରରେ ଏଯାବତ୍ ସେହି ପ୍ରଭାବ ଦେଖିବାକୁ ମିଳୁନାହିଁ । ମୋ ମତରେ, ଦୀର୍ଘକାଳୀନ ନୀତିଗତ ଅଭାବ ଓ ବର୍ତ୍ତମାନ ସରକାରର କାର୍ଯ୍ୟ ନିଷ୍ପାଦନର ଦୁର୍ବଳତା-ଦୁହେଁ ଏହି ପରିସ୍ଥିତି ପାଇଁ ଦାୟୀ । ଓଡିଶାର ଶିକ୍ଷିତ ଯୁବ ପିଢିଙ୍କୁ ଯେତେ ହତାଦାର କରିବ ସେମାନଙ୍କୁ ଦମନ କରିବାକୁ, ଟ୍ରୋଲ୍ କରିବାକୁ ଏବଂ ମଜା କରିବାକୁ ଚେଷ୍ଟା କରିବ ଶାସନ ଦୋହଲିଯିବ । ମୁଖ୍ୟମନ୍ତ୍ରୀଙ୍କର କୌଣସି ଦୂରଦୃଷ୍ଟି ନାହିଁ କି ଓଡିଶା ପାଇଁ କିଛି ରୋଡ ମ୍ୟାପ ନାହିଁ । ସମସ୍ତେ ଏବେ ରାଜ୍ୟର ବିକାଶଠୁ ଅଧିକ ନିଜ ବିକାଶରେ କାମ କରୁଛନ୍ତି ।

**୨୦୨୯ରେ ଭଣ୍ଡାରିପୋଖରୀରୁ ନିର୍ବାଚନ ଲଢ଼ିବି**

**?** **୨୯ରେ ନିର୍ବାଚନ ଲଢିବେ ? ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର ବିକାଶକୁ ନେଇ ଆପଣ କେତେ ଖୁସି? ଭଣ୍ଡାରୀପୋଖରୀର ନେତୃତ୍ୱ ନେବା ପାଇଁ ସାଂଗଠନିକ ଓ ମାନସିକସ୍ତରରେ ଆପଣ କେତେ ପ୍ରସ୍ତୁତ ?**

୨୪ରୁ ମୁଁ ଏହାର କାର୍ଯ୍ୟକ୍ରମ ଆରମ୍ଭ କରିଛି । ସଂପୂର୍ଣ୍ଣ ଭାବେ ମୁଁ ପ୍ରସ୍ତୁତ ହେଉଛି, ୨୯ ନିର୍ବାଚନରେ ସଫଳ ଭାବେ ନିର୍ବାଚନ ଲଢିବାକୁ । ନିଜ ମାଟି ପାଇଁ ବହୁତ ସ୍ୱପ୍ନ ଦେଖିଛି । କିନ୍ତୁ ଦୁଃଖର ବିଷୟ ଭଣ୍ଡାରିପୋଖରୀ ବିକାଶର ବହୁ ପଛରେ । ଏଥିପାଇଁ ସଂପୂର୍ଣ୍ଣ ଦାୟୀ ବିଗତ ଦିନରେ ଥିବା ସ୍ଥାନୀୟ ବିଧାୟକ ମାନେ । କୌଣସି ଦୂରଦୃଷ୍ଟି ନାହିଁ, ଅଞ୍ଚଳର ବିକାଶ ପାଇଁ କୌଣସି ଆଗ୍ରହ ନ ଥିଲା । କେବଳ ପରିବାରବାଦ । ଏହି କ୍ରମରେ ଭଣ୍ଡାରିପୋଖରୀ ପାଇଁ ଯଦି କିଛି ଦାୟିତ୍ୱ ନେବାର ସୁଯୋଗ ଆସେ,ତାହାକୁ ମୋର ସୌଭାଗ୍ୟ ବୋଲି ବିଚାର କରିବି । ଭଣ୍ଡାରିପୋଖରୀ-ବନ୍ତର ଭୂଗୋଳକୁ ନେଇ ନୁହେଁ, ତା'ର ଇତିହାସ, ସ୍ୱାସ୍ଥ୍ୟ , ଗମନାଗମନ, ଭିତ୍ତିଭୂମି, ଶିକ୍ଷା,ସାହିତ୍ୟ, ସଂସ୍କୃତି, କୃଷି, ଶିଳ୍ପ, ମାନବ ସମ୍ବଳର ବିକାଶ । ମୋଟାମୋଟି ଏକ ବିକଶିତ ଭଣ୍ଡାରିପୋଖରୀ ଓ ବନ୍ତ ମୋର ସ୍ୱପ୍ନ ।

**ଯୁବ ଓ ଛାତ୍ରଙ୍କ ଆଶାର ପ୍ରତିଫଳନ କ୍ରାନ୍ତିସେନା**

**ରାଜ୍ୟସଭା ନିର୍ବାଚନ : ଝାରସୁଗୁଡ଼ା ଖେଳ ଥିଲା ସଂପୂର୍ଣ୍ଣ ଭିନ୍ନ**

# ଭାଇ-ଭଉଣୀଙ୍କ ବିଜେପି ପ୍ରୀତି ମୁଣ୍ଡାଇଲେ ଅପଖ୍ୟାତି

ଝାରସୁଗୁଡ଼ା - ରାଜ୍ୟସଭା ଗଠନ ପରଠାରୁ ଏଯାବତ ଓଡ଼ିଶାରେ ୩୭ ଥର ରାଜ୍ୟସଭା ପାଇଁ ନିୟମିତ ଭୋଟ ହୋଇଛି। ୨୦୧୯ ଏବଂ ୨୦୨୪ ମସିହା ଅଗଷ୍ଟ ମାସ ଭଳି ଅନେକ ବାର ଉପନିର୍ବାଚନ ମଧ୍ୟ ହୋଇଛି। କିନ୍ତୁ ଗତ ମାର୍ଚ୍ଚ ୧୬ରେ ଓଡ଼ିଶାରେ ହୋଇଥିବା ରାଜ୍ୟସଭା ନିର୍ବାଚନ ଯେତେ ରୋମାଞ୍ଚ, ରୋଚକ ଓ ନାଟକୀୟ ଥଲା ବୋଧହୁଏ, ପୂର୍ବରୁ ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ର କରି ଆମ ରାଜ୍ୟରେ ରାଜନୀତି ଏତେ ସରଗରମ ହୋଇନଥିଲା। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ, ଭୂତପୂର୍ବ ଶିଳ୍ପମନ୍ତ୍ରୀ ଦିଲ୍ଲୀପ ରାୟ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହେବା ପରେ ରାଜ୍ୟସଭାର ଗଣିତ ବଦଳି ଯାଇଥିଲା। ପଶ୍ଚିମ ଓଡ଼ିଶାର ଶିଳ୍ପନଗରୀ ଝାରସୁଗୁଡ଼ାରେ ସଂପୂର୍ଣ୍ଣ ଭିନ୍ନ ଧରଣର ଖେଳ ଆରମ୍ଭ ହୋଇଥିଲା।

ଦିଲ୍ଲୀପ ବାବୁ ଏବଂ ତାଙ୍କୁ ଏହି ନିର୍ବାଚନରେ ବିଜୟମଣ୍ଡିତ କରିବାକୁ ଚାହୁଁଥିବା ତାଙ୍କ ସହଯୋଗୀମାନେ ବିଜୟ ସୁନିଶ୍ଚିତ କରିବାକୁ ବିରୋଧୀ ଶିବିରରେ ସିନ୍ଧି ଲଗାଇଥିଲେ। କାରଣ ସଂଖ୍ୟାବଳ ବିଜେଡ଼ି-କଂଗ୍ରେସ ପ୍ରାର୍ଥୀ ଡାକ୍ତର ପ୍ରଫେସର ଦତ୍ତେଶ୍ୱର ହୋତାଙ୍କ ସପକ୍ଷରେ ରହିଥିଲା। ଏହି ନିର୍ବାଚନରେ ଝାରସୁଗୁଡ଼ାର ପୁଞ୍ଜିପତି ଭାଇ-ଭଉଣୀଙ୍କ ଭୂମିକାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେମାନେ ବି ଦିଲ୍ଲୀପଙ୍କ ସହ ହାତ ମିଳାଇଥିଲେ। ଉଭୟ ଭାଇ- ଭଉଣୀ ୪ ଜଣ ବିଧାୟକଙ୍କ ଭୋଟ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କରାଇବାକୁ ଦାୟିତ୍ୱ ନେଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଯେଉଁ ୪ ଜଣ ବିଧାୟକଙ୍କ ଏହି ପ୍ରଭାବଶାଳୀ ଭାଇ-ଭଉଣୀ ଦାୟିତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରୁ ଜଣେ ସମ୍ବଲପୁର ଜିଲ୍ଲାର, ଜଣେ ସୁନ୍ଦରଗଡ଼ ଜିଲ୍ଲାର, ଜନୈକା ବରଗଡ ଜିଲ୍ଲାର ଓ ଅନ୍ୟଜଣକ କଳାହାଣ୍ଡି ଜିଲ୍ଲାର।




ଏହି ଡିଲ ଚୂଡାନ୍ତ ହେବା ପରେ ୪ଟି ଯାକ ବିରୋଧୀ ଶିବିରର ଭୋଟ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ କରିବାକୁ ସେହି ବିଧାୟକମାନଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଥମେ ବିଭିନ୍ନ ରକମର ଲୋଭରେ ସେମାନଙ୍କୁ ଲୋଭାନ୍ୱିତ କରି ବିଫଳ ହେବା ପରେ ପ୍ରବଳ ଚାପ ପ୍ରୟୋଗ ମଧ୍ୟ କରିଥିଲେ। ହେଲେ ସମର୍ଥ ହୋଇନଥିଲେ।

ଝାରସୁଗୁଡ଼ା ସମେତ ପଶ୍ଚିମ ଓଡ଼ିଶାରେ ବ୍ୟବସାୟ ଓ ରାଜନୀତିରେ ସକ୍ରିୟ ଏହି ପ୍ରଭାବଶାଳୀ ଭାଇ ଭଉଣୀ ବିଜେଡି ବିଧାୟକଙ୍କ ଭୋଟକୁ ସ୍ୱାଧୀନ ରାଜ୍ୟସଭା ପ୍ରାର୍ଥୀଙ୍କ ସପକ୍ଷରେ ଆଣିବା ପାଇଁ ପରିଶେଷରେ ଯେଉଁ ଚାପ କୌଶଳ ପ୍ରୟୋଗ କରିଥିଲେ କୁଆଡ଼େ ଜଣେ ମହିଳା ବିଧାୟିକା ଅତିଷ୍ଠ ହୋଇ ନବୀନ ନିବାସରେ ବିରୋଧୀ ଦଳ ନେତାଙ୍କ ଉପସ୍ଥିତିରେ ଭାଇ ଭଉଣୀଙ୍କ ସବୁ ଗୁମର ଖୋଲି ଦେଇଥିଲେ। ଉଭୟ ଭାଇ- ଭଉଣୀ ଦାୟିତ୍ୱ ନେଇଥିବା ୪ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ବି ପଟ୍ଟ ପରିବର୍ତ୍ତନ କଲେ ନାହିଁ। କିନ୍ତୁ ଉଭୟ ଭାଇ- ଭଉଣୀଙ୍କ ଅସଲ ମୁଖା ଖୋଲିଗଲା। ବିଜେପି ଏମାନଙ୍କ ପାରିବାପଣିଆ ଜାଣିଲା ଏବଂ ବିଜେଡି, ଯେଉଁ ଦଳରେ ଏମାନେ ଅଛନ୍ତି ସେମାନଙ୍କ ବିଭୀଷଣ ଚରିତ୍ରକୁ ପ୍ରତ୍ୟକ୍ଷ କରିନେଲା।

**ରେଙ୍ଗାଲିରେ ବିଜେଡ଼ି ଟଳମଳ**

# କାହିଁକି ବିଦା ହେଲେ ସତ୍ୟ ନାରାୟଣ ?

ରେଙ୍ଗାଲି ରାଜନୀତି ଏବେ ନୂଆ ମୋଡ଼ ନେଇଛି। ହଠାତ୍ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲଙ୍କୁ ବିଜେଡ଼ିରୁ ନିଲମ୍ବିତ କରିବା ଘଟଣା ସମ୍ବଲପୁର ଜିଲ୍ଲାରେ ବି ଆଲୋଡ଼ନ ସୃଷ୍ଟି କରିଛି। ସତ୍ୟ ନାରାୟଣଙ୍କୁ ନିଲମ୍ବନ ପଛର କାରଣ କ'ଣ ? ସେ ଦଳ ବିରୋଧୀ କାମ କରୁଥିଲେ କି ? ବିଜେପି ସହ ଯୋଗସୂତ୍ରରେ ଥିଲେ କି ? ବିଶାଳ ଦାସଙ୍କ ଭୂମିକା କ'ଣ ଥିଲା? ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ମେ' ୨୯ରେ ଲଇଡ଼ା ଅଞ୍ଚଳର ରୁନି ମହଲ ଗ୍ରାମରେ ସତ୍ୟ ନାରାୟଣ ବ୍ଲକସ୍ତରୀୟ ବିଜେଡ଼ି କର୍ମୀ ସମ୍ମିଳନୀ କରିଥିଲେ। ସେଥିରେ ବିଶାଳ ଦାସ ବି ଯୋଗ ଦେଇଥିଲେ। ସତ୍ୟ ନାରାୟଣ ସେହି ଅଞ୍ଚଳର ଜଣେ ଟାଣୁଆ ନେତା। ସେ ଥିଲେ ନବ ଦାସଙ୍କର ଘନିଷ୍ଠ ସହଯୋଗୀ। ନବଙ୍କ ପରଲୋକ ପରେ ସେ ବିଶାଳ ଓ ଦୀପାଳିଙ୍କ ସହ ରହିଛନ୍ତି। କିନ୍ତୁ ଦଳୀୟ ସମାବେଶ କରିବା ଦିନ ହିଁ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ସତ୍ୟ ନାରାୟଣ ବିଜେପି ସହ ଯୋଗସୂତ୍ରରେ ଥିବାରୁ ତାଙ୍କୁ ନିଲମ୍ବନ କରାଗଲା ନା, ବିଶାଳ ଦାସ ବିଜେପି ସହ ସମ୍ପର୍କରେ ଥିବାରୁ ତାଙ୍କୁ ଚେତାବନୀ ଦିଆଗଲା ତାହାର କାରଣ ଏବେବି ଅସ୍ପଷ୍ଟ ରହିଛି।

ଗତ ୨୦୨୪ ନିର୍ବାଚନ ବେଳେ ସୁଦର୍ଶନ ହରିପାଲଙ୍କୁ ଟିକେଟ ଦେବା ପାଇଁ ବିଶାଳ-ଦୀପାଳି ଲବି କରିଥିଲେ। ସୁଦର୍ଶନ ଟିକେଟ ପାଇବା ପରେ ସତ୍ୟ ନାରାୟଣ ଢେର ପରିଶ୍ରମ କରିଥିଲେ। ଏଥିପାଇଁ ଦୁଇ ଭାଇ-ଭଉଣୀ ବି ଟଙ୍କା ଖର୍ଚ୍ଚ କରିଥିଲେ। ବିଶାଳ ବି ଝାରସୁଗୁଡ଼ା ଅପେକ୍ଷା ରେଙ୍ଗାଲୀରେ ବେଶୀ ପରିଶ୍ରମ କରିଥିଲେ। ଅବଶ୍ୟ ପୂର୍ବରୁ ସେ ସେଠାରୁ ନିର୍ବାଚନ ଲଢ଼ିବାକୁ ଯୋଜନା କରିଥିଲେବି ବିଜେଡ଼ି ଟିକେଟ୍ ଦେବାକୁ ମନା କରିଦେଇଥିଲା। ତେବେ ସେ ଯାହାହେଉନା କାହିଁକି ସମ୍ବଲପୁର ଜିଲ୍ଲାରେ ବିଜେପି ହାୱା ବହିବା ସତ୍ତ୍ୱେ ଅଳ୍ପ ଭୋଟରେ ନାଉରୀ ନାଏକଙ୍କ ଭଳି ଜଣେ ଟାଣୁଆ ନେତାଙ୍କୁ ହରାଇ ପାରିଥିଲେ ସୁଦର୍ଶନ। ଏବେ ସତ୍ୟ ନାରାୟଣ ଦଳରୁ ବିଦା ହୋଇଥିବାରୁ ସେଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ଏହା ନିଶ୍ଚିତ ଭାବେ ବିଜେଡ଼ିକୁ ବ୍ୟାକଫୁଟକୁ ନେଇଯାଇଛି।



ଅପରପକ୍ଷରେ ବିଶାଲଙ୍କୁ ଦଳ ଚେକ୍ ଦେଇଥିବା ନେଇ ଆଲୋଚନା ହେଉଛି। ସମ୍ପ୍ରତି ଦୀପାଳି-ବିଶାଲଙ୍କର କିଛି ବିଜେପି ନେତାଙ୍କ ସହ ଭଲ ଯୋଗସୂତ୍ର ରହିଛି। ବିଜେଡ଼ିର ସ୍ଥିତି ଦେଖିବା ପରେ ସେମାନେ ବିଜେପିକୁ ଯିବା ପାଇଁ ଯୋଜନା କରୁଥିବା କୁହାଯାଉଛି। ଯେଉଁଥିପାଇଁ ନବୀନ ବାବୁ ସତ୍ୟ ନାରାୟଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ବି ଦୀପାଳି-ବିଶାଲଙ୍କ କଥା ଶୁଣୁନଥିବାରୁ ସତ୍ୟ ନାରାୟଣଙ୍କ ଜରିଆରେ ଭାଇ-ଭଉଣୀ ବିଦ୍ରୋହର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଖବର ନବୀନ ବାବୁ ପାଇଥିଲେ। ତେଣୁ ସେମାନଙ୍କୁ ୱାର୍ଣ୍ଣିଂ ଦେବା ପାଇଁ ସତ୍ୟଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।

# ଭଣ୍ଡାରିପୋଖରୀ: ବଦଳୁଛି କି ଅଙ୍କ







ବନ୍ତ ଓ ଭଣ୍ଡାରୀପୋଖରୀ ବ୍ଲକକୁ ନେଇ ଗଠିତ ହୋଇଛି ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ନିଜ ବ୍ଲକ ହେଉଛି 'ବନ୍ତ'। ସେପଟେ ରାଜ୍ୟ ବିଜେପିସଭାପତି ମନମୋହନ ସାମଲଙ୍କ ନିଜ ବ୍ଲକ ହେଉଛି 'ଭଣ୍ଡାରିପୋଖରୀ'। ଅତଏବ ବିଜେପିର ଦୁଇ ଟାଣୁଆ ନେତା ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର।

ସେପଟେ ନିରଞ୍ଜନ ପଟ୍ଟନାୟକଙ୍କ ଘର ଘସିପୁରା ନିର୍ବାଚନମଣ୍ଡଳୀରେ ହୋଇଥିଲେ ବି ରାଜନୀତିକ ସମୀକରଣ ପାଇଁ ସେ ବି ଭଣ୍ଡାରୀପୋଖରୀରେ ଡେରା ପକାଇଛନ୍ତି। ଗଲା ନିର୍ବାଚନରେ ଭଲ ଭୋଟ୍ ଭିଡ଼ିଥିଲେବି ଭାଗ୍ୟ ସାଥ୍ ଦେଇନଥିଲା। ଏକଦା ପ୍ରଫୁଲ୍ଲ ସାମଲ ଭଣ୍ଡାରୀପୋଖରୀରେ ରାଜୁତି କରୁଥିଲେ। କିନ୍ତୁ ଗତ ନିର୍ବାଚନରେ ସେ ଭଦ୍ରକ ଯିବା ପରେ ଏବେ ସଂଜୀବ ମଲ୍ଲିକ ବିଧାୟକ ହୋଇଛନ୍ତି। ବିଜେଡ଼ିର ବି ସେଠାରେ ମଜବୁତ୍ ସଂଗଠନ ରହିଛି। ଏହିସବୁ କାରଣରୁ ଭଣ୍ଡାରୀପୋଖରୀରେ ସବୁ ହେଭିୱେଟ୍ ଠୁଳ ବୋଲି କହିଲେ ଭୁଲ୍ ହେବନି।

ବିଜେଡ଼ି ଓ କଂଗ୍ରେସ ଲଢ଼େଇ ଭିତରେ ବିଜେପି ପଛରେ ପଡ଼ିଯାଇଛି। ତେବେ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ବିଜେପିକୁ ଯିବା ପରେ ବିଜେପି ଏଠାରେ ମଜବୁତ ହେବବୋଲି ଅଙ୍କ କଷିଚାଲିଛି।

## ୨୦୦୯: ହଟିଲା ସଂରକ୍ଷଣ ଓ ମନମୋହନଙ୍କ ପରାଜୟ

୨୦୦୯ରେ ଏହି ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହେବା ପରେ ନିଜେ ମନମୋହନ ସାମଲ ବିଜେପି ପ୍ରାର୍ଥୀ ଭାବେ ମଇଦାନକୁ ଆସିଥିଲେ। ସେତେବେଳେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯାଇଥିଲା ଓ ଓଡ଼ିଶାର ରାଜନୀତି ସମୀକରଣ ନୂଆ ମୋଡ଼ ନେଉଥିଲା। କିନ୍ତୁ ମନମୋହନ ହାରି ଯାଇଥିଲେ।

## ପ୍ରଫୁଲ୍ଲ ସାମଲଙ୍କ ହାଟ୍ରିକ୍

୨୦୦୯, ୨୦୧୪ ଓ ୨୦୧୯। ତିନୋଟି ନିର୍ବାଚନରେ ବିଜେଡି ନେତା ପ୍ରଫୁଲ୍ଲ ସାମଲ ବିଜୟୀ ହୋଇଥିଲେ। ୨୦୧୪ରେ ବିଜେଡି ୩୪ ହଜାରରୁ ଅଧିକ ଭୋଟରେ ଜିତିଥିଲା।

## ୨୦୧୯: ନିରଞ୍ଜନଙ୍କ ଏଣ୍ଟ୍ରି

୨୦୧୯ରେ ତତ୍କାଳୀନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଏଣ୍ଟ୍ରି ଭଦ୍ରକ କଂଗ୍ରେସ ରାଜନୀତିକୁ ଚଳଚଞ୍ଚଳ କରିଦେଇଥିଲା। ସେତେବେଳେ ନିରଞ୍ଜନ ନାମାଙ୍କନ ଦାଖଲ ଶେଷ ହେବାର ମାତ୍ର ଚାରି ଦିନ ପୂର୍ବରୁ ପ୍ରାର୍ଥୀ ଭାବେ ଘୋଷିତ ହୋଇଥିଲେ। କିନ୍ତୁ ମାତ୍ର ୨୦-୨୫ ଦିନର ପ୍ରଚାରରେ ନିରଞ୍ଜନ ପଟ୍ଟନାୟକ ସମଗ୍ର ନିର୍ବାଚନୀ ସମୀକରଣକୁ ବଦଳାଇ ଦେଇଥିଲେ। କଂଗ୍ରେସର ଭୋଟ ୩୬ ହଜାରରୁ ବଢ଼ି ପ୍ରାୟ ୬୨ ହଜାରକୁ ପହଞ୍ଚିଗଲା। ଶେଷରେ ସେ ମାତ୍ର ପ୍ରାୟ ୮ ୯୦୦ ଭୋଟରେ ପରାଜିତ ହେଲେ। ସେତେବେଳେ ଯୁବନେତା ଲକି ସ୍ବାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାଜକିଶୋର ସ୍ବାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନିରୁପମା ରାଉତ, ଗୋଲକ ବେହେରା ଓ ଅଜୟ ସାହୁ ଆଦି ନିର୍ବାଚନ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ନିର୍ବାଚନରେ ତାଙ୍କ ପୁଅ ନବଜ୍ୟୋତି ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି।

## ଅର୍ଜୁନ ସେଠୀ ଫ୍ୟାକ୍ଟର

୨୦୧୯ ନିର୍ବାଚନକୁ ଆହୁରି ରୋଚକ କରିଥିଲା ଭଦ୍ରକର ତତ୍କାଳୀନ ସାଂସଦ ଅର୍ଜୁନ ଚରଣ ସେଠୀଙ୍କ ପରିସ୍ଥିତି। ବିଜେଡି ଟିକେଟ ନମିଳିବା ପରେ ତାଙ୍କ ପୁଅ ଅଭିମନ୍ୟୁ ସେଠି ବିଜେପିରୁ ଭଦ୍ରକ ସାଂସଦ ପ୍ରାର୍ଥୀ ହୋଇଥିଲେ। ଏହି ସମୟରେ ଭଣ୍ଡାରିପୋଖରୀ-ବନ୍ତ ଅଞ୍ଚଳରେ ଏକ ଅଜବ ରାଜନୈତିକ ଚର୍ଚ୍ଚା ଚାଲିଥିଲା- ବିଧାୟକରେ ନିରଞ୍ଜନ, ସାଂସଦରେ ଅଭିମନ୍ୟୁ"। ବିଜେଡି ବିରୋଧୀ ଭୋଟକୁ ଏକତ୍ର କରିବା ପାଇଁ ଏହା ଏକ ଯୋଜନା ଥିଲା। କିନ୍ତୁ ନିର୍ବାଚନ ପରେ ଚର୍ଚ୍ଚା ହେଲା ଯେ କେତେକ ଅସଚେତନ ଭୋଟର ଦୋଛକିରେ ପଡ଼ି ବିଧାନସଭାରେ ବିଜେପି ଓ ସାଂସଦ ଭୋଟରେ କଂଗ୍ରେସକୁ ଭୋଟ ଦେଇ ଦେଇଥିଲେ। ଫଳରେ ଉଭୟ ନିରଞ୍ଜନ ପଟ୍ଟନାୟକ ଓ ଅଭିମନ୍ୟୁ ଅତ୍ୟନ୍ତ କମ ବ୍ୟବଧାନରେ ପରାଜିତ ହୋଇଥିଲେ।

## ୨୦୨୪: ନିରଞ୍ଜନଙ୍କ ପରାଜୟ, ଅଭିମନ୍ୟୁଙ୍କ ଅଭ୍ୟୁଦୟ

କିନ୍ତୁ ୨୦୨୪ ରେ ପରିସ୍ଥିତି ପୁଣି ଏକ ନୂଆ ମୋଡ଼ ନେଲା। ନିରଞ୍ଜନ ପଟ୍ଟନାୟକ ଓ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ଏଥର ସମ୍ପୂର୍ଣ୍ଣ ଭାବେ ଭଣ୍ଡାରିପୋଖରୀ ଉପରେ କେନ୍ଦ୍ରୀଭୂତ ହୋଇଥିଲେ। ନବଜ୍ୟୋତି ନିଜେ ବାପାଙ୍କ ପ୍ରଚାରର ମଙ୍ଗ ଧରିଥିଲେ। ତେବେ ନିର୍ବାଚନୀ ପରିଚାଳନାରେ ତ୍ରୁଟି, କିଛି ବିଶୃଙ୍ଖଳିତ ବ୍ୟକ୍ତିଙ୍କୁ ନିର୍ବାଚନୀ ଦାୟିତ୍ୱ ଦେବା ଓ ତୃଣମୂଳସ୍ତରରେ ସମନ୍ୱୟ ଅଭାବ ନିରଞ୍ଜନଙ୍କ ପାଇଁ ବଡ଼ ଅସୁବିଧା ହୋଇଥିଲା। ଫଳରେ ସେ ସଂଜୀବ ମଲ୍ଲିକଙ୍କ ଠାରୁ ପରାଜୟ ବରଣ କଲେ। କିନ୍ତୁ ଏଥର ସାଂସଦ ଭାବେ ବାଜିମାରି ନେଲେ ଅଭିମନ୍ୟୁ ସେଠୀ। ସେ ଭଦ୍ରକରୁ ସାଂସଦ ଭାବେ ବିଜୟୀ ହୋଇ ଭଣ୍ଡାରିପୋଖରୀ-ବନ୍ତ ଅଞ୍ଚଳର ରାଜନୀତିରେ ନିଜ ପ୍ରଭାବକୁ ଆହୁରି ସୁଦୃଢ଼ କରିଦେଲେ।

## ୨୦୨୪ ପରର ରାଜନୀତି

୨୦୨୪ ପରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ରାଜନୀତି ରୋଚକ ହୋଇପଡ଼ିଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ମୁଖ୍ୟତଃ ବନ୍ତ ବ୍ଲକରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ଯେପରି ପ୍ରଭାବ ବିସ୍ତାର କରିଥିଲେ, ତାହା ଧିରେ ଧିରେ ମଉଳିଯାଉଥିବା ଦେଖାଯାଉଛି। ଦୁଇ ବ୍ଲକର ଅଧ୍ୟକ୍ଷ ଏବେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। କିଛି କଂଗ୍ରେସ ସରପଞ୍ଚ ମଧ୍ୟ ବିଜେପି ସହ ସମ୍ପର୍କ ବଢ଼ାଉଥିବା ଚର୍ଚ୍ଚା ହେଉଛି। ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ସେଠାକାର ଅଙ୍କ ବଦଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବ୍ଲକ ସ୍ତରରେ ନିଜେ ଅଭିମନ୍ୟୁ ସେଠୀ ସଂଗଠନର ମଙ୍ଗ ଧରିଛନ୍ତି। ଧିରେଧିରେ ସେ ବିଜେଡି ଓ କଂଗ୍ରେସର ଅନେକ ସ୍ଥାନୀୟ ନେତୃତ୍ୱଙ୍କୁ ନିଜ ପାଖକୁ ଆଣୁଥିବା ଦେଖାଯାଉଛି। ନିଜ ବ୍ଲକ ଓ ନିଜ ବିଧାନସଭା ମଣ୍ଡଳୀ ହେତୁ ସେ ସିଧାସଳଖ ଭାବେ ଲୋକମାନଙ୍କ ସହ ଯୋଡ଼ି ହେବାକୁ ଚେଷ୍ଟା କରୁଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଲକ୍ଷ୍ୟ କରି ସେ ନିଜେ ସଂଗଠନ, ନେତୃତ୍ୱ ଓ ଆଞ୍ଚଳିକ ସମୀକରଣର ତଦାରଖ କରୁଛନ୍ତି।

## ବିଜେଡି-କଂଗ୍ରେସ ସମୀକରଣ ଚର୍ଚ୍ଚା

ଏଠାରେ ବିଜେଡିର ବିଧାୟକ ଥିଲେ ମଧ୍ୟ ସଂଗଠନ ଏବେ ଅନେକ ସ୍ଥାନରେ ଦୁର୍ବଳ ହୋଇପଡ଼ିଛି। କେତେକ ପଞ୍ଚାୟତ ତ ନେତୃତ୍ୱହୀନ ଅବସ୍ଥାରେ ରହିଛି। ଏବେ ବିଜେଡି ବିଧାୟକ ନିଜେ କଂଗ୍ରେସର କିଛି ନେତୃତ୍ୱଙ୍କ ସହ ମିଳାମିଶା ବଢ଼ାଇ ବିଜେପି ବିରୋଧରେ ଏକ ଯୁକ୍ତ ବିପକ୍ଷ ଭାବେ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି। ଯେଉଁ କିଛି ପଞ୍ଚାୟତରେ ୨୦୨୪ରେ ସଂଜୀବ ମଲ୍ଲିକଙ୍କୁ ପୁରାଇ ଦିଆଯାଉ ନଥିଲା, ଏବେ ସେଠାରେ ଉଭୟ କଂଗ୍ରେସ ଓ ବିଜେଡି ନେତୃତ୍ୱ ଏକାଠି ଦେଖାଯାଉଛନ୍ତି। ଏହାର ନକାରାତ୍ମକ ପ୍ରଭାବ କଂଗ୍ରେସ ଭୋଟରଙ୍କ ଉପରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ପଡୁଥିବା କୁହାଯାଉଛି।



କର୍ଣ୍ଣାଟକ ରାଜନୀତି ଏବେ ସ୍ୱାଭାବିକ ଭାବେ ଚର୍ଚ୍ଚାରେ ରହିଛି । ସିଦ୍ଧରମେୟାଙ୍କୁ ହଟାଇ ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ଶିବକୁମାର ସବୁବେଳେ ପଦ ଛଡ଼ାଇ ନେବାରେ ବିଶ୍ୱାସ କରନ୍ତି। ଜ୍ୟୋତିଷ ତାଙ୍କୁ ଏଭଳି ପରାମର୍ଶ ଦେଇଥିବା କୁହାଯାଉଛି ।

# କାହିଁକି ପଦ ଛଡ଼ାଇ ନିଅନ୍ତି ଶିବକୁମାର

୨୦୨୪ ଡିସେମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏସଏମ କ୍ରୀଷ୍ଣାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଶିବକୁମାର କହିଥିଲେଯେ, କ୍ରୀଷ୍ଣାଙ୍କ ମନ୍ତ୍ରୀମଣ୍ଡଳ ତାଲିକା ସେ ନିଜେ ହିଁ କରିଥିଲେ। କିଏ କେଉଁ ବିଭାଗ ନେବ ତାହା ବି କ୍ରୀଷ୍ଣାଙ୍କ ସହ ଆଲୋଚନା ହୋଇ ସ୍ଥିର ହୋଇଥିଲା। କିନ୍ତୁ ରାଜ୍ୟପାଳଙ୍କ ପାଖକୁ ଚୂଡ଼ାନ୍ତ ତାଲିକା ଗଲାବେଳେ ତାଙ୍କ ନାମ ରହିନଥିଲା। ସେହି ସମୟରେ ତାଙ୍କ ଜ୍ୟୋତିଷ କହିଥିଲେଯେ, ତୁମର ଯାହା ହକ୍ ଅଛି ତାହାକୁ ଛଡ଼ାଇଆଣ। ତେଣୁ ସେ କ୍ରୀଷ୍ଣାଙ୍କ ସହ ଯୁକ୍ତିତର୍କ କଲେ। ମୋ ବିନା ତୁମେ ସରକାର ଚଳାଇପାରିବ ନାହିଁ ବୋଲି ସିଧାସିଧା କହିଲେ। ଶେଷରେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ୍ କରାଗଲା। ଏକଥା ଉଲ୍ଲେଖ କରିବାର କାରଣ ହେଉଛି, ସିଦ୍ଧରମେୟାଙ୍କୁ ରାହୁଲ ଗାନ୍ଧୀ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବାକୁ ଚାହୁଁନଥିଲେ। କିନ୍ତୁ ଶିବକୁମାର ଜିଦ ଧରି ବସିରହିଲେ। ଶେଷରେ ସିଦ୍ଧରମେୟାଙ୍କୁ ହଟାଇ ଶିବକୁମାର ନିଜ ହକର ମୁଖ୍ୟମନ୍ତ୍ରୀ ପଦ ଛଡ଼ାଇ ଆଣିଛନ୍ତି। ଆଜି ପର୍ଯ୍ୟନ୍ତ ସେ ଦଳରୁ ଯାହା ପାଇଛନ୍ତି ତାହା ଆପେଆପେ ମିଳିନାହିଁ। ବରଂ ସେ ଜିଦ୍ କରି ଛଡ଼ାଇ ଆଣିଛନ୍ତି।

ଅନେକ ଛକାପଞ୍ଝା ପରେ କର୍ଣ୍ଣାଟକ କଂଗ୍ରେସ କଳି ତୁଟିଛି। ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କଳି ପାଇଁ କଂଗ୍ରେସ୍ ବହୁ କ୍ଷତି ସହିଥିବାରୁ କର୍ଣ୍ଣାଟକରେ ସେହି ଭୁଲ୍ ଦୋହରାଇ ନାହାନ୍ତି ରାହୁଲ୍ ଗାନ୍ଧୀ। ସିଦ୍ଧରମେୟାଙ୍କୁ ବୁଝାଶୁଝା କରି ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ କଂଗ୍ରେସ ହାଇକମାଣ୍ଡ ନିଷ୍ପତ୍ତି ନେଇଛନ୍ତି।

୧୯୮୫ରୁ ରାଜନୀତିକ କ୍ୟାରିୟର ଆରମ୍ଭ କରିଥିବା ଶିବକୁମାର ପ୍ରଥମ ନିର୍ବାଚନରେ ଏଚଡ଼ି ଦେବେଗୌଡ଼ାଙ୍କ ଠାରୁ ହାରି ଯାଇଥିଲେ। କିନ୍ତୁ ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଲଗାତର ସେ ୮ ଥର ନିଜ ନିର୍ବାଚନମଣ୍ଡଳୀରୁ ବାଜିମାତ୍ କରିଛନ୍ତି। ଜୁନ୍ ୩ରେ ଶିବକୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଥିବାବେଳେ ଆଗକୁ ତାଙ୍କ ପାଇଁ ବି ବଡ଼ ଆହ୍ୱାନ ସବୁ ରହିଛି।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ଚାହୁଁନଥିବା ସିଦ୍ଧରମେୟାଙ୍କୁ ବୁଝାଶୁଝା କରିବା ପାଇଁ ହାଇକମାଣ୍ଡଙ୍କୁ ପ୍ରବଳ ପରିଶ୍ରମ କରିବାକୁ ପଡ଼ିଥିଲା। ପୂର୍ବରୁ ମଧ୍ୟପ୍ରଦେଶରେ କମଳନାଥ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ମଧ୍ୟରେ ବିବାଦ ଯୋଗୁଁ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ସେହପରି ରାଜସ୍ଥାନରେ ଅଶୋକ ଗେହଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ବିବାଦ ପାଇଁ କଂଗ୍ରେସର ବି କ୍ଷତି ଘଟିଛି। ତେଣୁ କର୍ଣ୍ଣାଟକ ପାଇଁ ଦଳ ବୁଝିଶୁଝି ଗୋଟିଚାଳନା କରିଥିଲା। ଏବେ ଦକ୍ଷିଣ ଭାରତରେ କଂଗ୍ରେସର ପଲା ଭାରି ରହିଛି। କେରଳରେ କଂଗ୍ରେସ ସରକାର ଥିବାବେଳେ ତାମିଲନାଡୁରେ ବି କଂଗ୍ରେସ ବିଜୟଙ୍କ ସରକାରର ଭାଗିଦାର ରହିଛି। କର୍ଣ୍ଣାଟକରେ କଂଗ୍ରେସ ସରକାର ଥିବାବେଳେ ତେଲେଙ୍ଗାନାରେ ବି କଂଗ୍ରେସ ରାଜ୍ କରୁଛି। ଦକ୍ଷିଣ ଭାରତରେ ଦଳକୁ ମଜବୁତ ରଖିବାକୁ ରାହୁଲ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। କେରଳରେ ବି ରାହୁଲ ନିଜ ଇଚ୍ଛାକୁ ଜଳାଞ୍ଜଳୀ ଦେଇ ସ୍ଥାନୀୟ କର୍ମୀ ଓ ନେତାଙ୍କ ମତକୁ ସମ୍ମାନ ଜଣାଇବାକୁ ବାଧ ହୋଇଥିଲେ।

୨୦୨୩ରେ କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଆସିବା ବେଳେ ଶିବକୁମାର ମୁଖ୍ୟମନ୍ତ୍ରୀ ଦୌଡ଼ରେ ରହହିଥିଲେ। ସେହି ସମୟରେ ସରକାର ଗଢ଼ିବା ପାଇଁ ଶିବକୁମାର-ସିଦ୍ଧରମେୟାଙ୍କ ମଧ୍ୟରେ ଛକାପଞ୍ଝା ହୋଇଥିଲା। ପରେ ଉଭୟ ଅଧା ଅଧା ପାଳି ମୁଖ୍ୟମନ୍ତ୍ରୀ ରହିବେ ବୋଲି କଥା ଛିଣ୍ଡିଥିଲା। କିନ୍ତୁ ଅଢ଼େଇ ବର୍ଷ ପରେ ସିଦ୍ଧରମେୟା ଗାଦି ନଛାଡ଼ିବାରୁ ପୁଣି ଶିବକୁମାର ବିଦ୍ରୋହ ଆରମ୍ଭ କରିଥିଲେ। ସେହିପରି ୨୦୨୮ ବିଧାନସଭା ନିର୍ବାଚନ ବେଳକୁ ସିଦ୍ଧରମେୟାଙ୍କୁ ୮୦ ବର୍ଷ ହୋଇଯାଇଥିବ। ତେଣୁ ଶିବକୁମାର ହିଁ ଆଗାମୀ ନିର୍ବାଚନ ମଙ୍ଗ ଧରିବେ ବୋଲି ହାଇକମାଣ୍ଡ ସବୁଜ ସଂକେତ ଦେଇଛନ୍ତି। ଶିବକୁମାରଙ୍କୁ ଦଳର ଟ୍ରବୁଲ ସୁଟର ବୋଲି କୁହାଯାଏ। ୨୦୦୨ରେ ସେ ବିଳାସ ରାଓ ଦେଶମୁଖ ସରକାରଙ୍କୁ ଆସ୍ଥା ଭୋଟରେ ବିଜୟୀ କରିବା ପାଇଁ ବେଙ୍ଗାଲୁର ରିସୋର୍ଟରେ ୪୦ କଂଗ୍ରେସ ବିଧାୟକଙ୍କୁ ରଖିଥିଲେ। ଅହମ୍ମଦ ପଟେଲଙ୍କ ରାଜ୍ୟସଭା ନିର୍ବାଚନ ବେଳେ ବି ବିଧାୟକଙ୍କ ଦାୟିତ୍ୱ ଶିବକୁମାର ନେଇଥିଲେ। ୨୦୧୮ରେ କର୍ଣ୍ଣାଟକରେ ଝୁଲା ବିଧାନସଭା ହୋଇଥିବାବେଳେ ଶିବକୁମାର ସମସ୍ତଙ୍କୁ ଏକାଠି ରଖିବାରେ ସଫଳ ହୋଇଥିଲେ।

# କେଉଁ ମୋଡ଼ ନେବ ଟିଟିଲାଗଡ଼ ?

ଡିସେମ୍ବର ୧୫, ୨୦୧୩। ପଶ୍ଚିମ ଓଡିଶାର ଟାଣୁଆ ଉଦୀୟମାନ ଯୁବନେତା ତଥା ବିଜେଡ଼ିର ସମ୍ଭାବ୍ୟ ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସାହୁ ହତ୍ୟା ଘଟଣା ଶୀତୁଆ ସକାଳରେ ବି ବଢାଇ ଦେଇଥିଲା ତତଲାଗଡର ପଲିଟିକାଲ ତାତି। ରାଜନୀତିରେ ଚକ୍ରବ୍ୟୁହରେ ଅଭିମନ୍ୟୁ ବଳି ପଡିବାପରେ ପତ୍ନୀ ଟୁକୁନି ସାହୁଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ଅଭିମନ୍ୟୁଙ୍କ ସଂଗଠନ ଏବଂ ଟୁକୁନିଙ୍କ ପ୍ରତି ସମବେଦନାର ଭୋଟ ବଳରେ ଟିଟିଲାଗଡରେ ବିଜୟ ବାନା ଉଡାଇଥିଲା ବିଜେଡି। ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଭାଜପା ସମ୍ପର୍କ ବଢାଇଥିବା ଟୁକୁନି ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟିକା ହୋଇ ପାୱାରଫୁଲ ମନ୍ତ୍ରୀ ହୋଇଥିଲେ। ୨୦୨୪ରେ ଟୁକୁନିଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦୀ ତଥା କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କୁ ବିଜେଡିକୁ ଆଣି ସହଜରେ ଜିତିଯିବାର ଗୋଟି ଖେଳିଥିଲା ବିଜେଡି। ହେଲେ ତାଙ୍କ ହ୍ୟାଟ୍ରିକ ଲକ୍ଷ୍ୟରେ ବ୍ରେକ ଦେଇଦେଲେ ବିଜେପିର ନବୀନ ଜୈନ। ନବୀନଙ୍କ ପତ୍ନୀ ମମତା ଦେବୀ ପୌରାଧକ୍ଷା ଅଛନ୍ତି। ସବୁଥର ନୂଆନୂଆ ପ୍ରାର୍ଥୀ ଦେଇ ପରୀକ୍ଷା ନିରୀକ୍ଷା ଚଳାଇଥିବା ବିଜେପି ୨୦୨୪ରେ ସଫଳ ହୋଇଥିଲା।







## ଅଭିମନ୍ୟୁଙ୍କ ଉତଥାନ

୨୦୦୪ ସାଧାରଣ ନିର୍ବାଚନ। ବଲାଙ୍ଗିର ଜିଲ୍ଲା ରାଜନୀତିରେ ହଠାତ ଆବିର୍ଭାବ ହୁଅନ୍ତି ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂହଦେଓଙ୍କ ବଡପୁଅ କଳିକେଶ ନାରାୟଣ ସିଂହଦେଓ। ସଇଁନ୍ତଳା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ଛିଡାହୁଅନ୍ତି କଳିକେଶ। ଜିଲ୍ଲାରେ ଏହାଙ୍କ ପ୍ରଭାବ ଥିଲେ ମଧ୍ୟ କଳିକେଶଙ୍କ ନିର୍ବାଚନ ଜିତିବା ଏତେ ସହଜ ନଥିଲା। କାରଣ କଳିକେଶଙ୍କ ବିପକ୍ଷରେ ଲଢୁଥିଲେ ଭେଟେରାନ ସୁରେନ୍ଦ୍ର ସିଂହ ଭୋଇ। ସେତେବେଳେ ରାଜ ପରିବାରର ନଜରକୁ ଆସିଲେ ଦୃଢ ସଂଗଠକ ଅଭିମନ୍ୟୁ ସାହୁ। ଅଭିମନ୍ୟୁଙ୍କ ବଳିଷ୍ଠ ନେତୃତ୍ୱ ଆଗରେ କଂଗ୍ରେସ ଗଡ ଭୁଷୁଡି ପଡିଲା। ସୁରେନ୍ଦ୍ରଙ୍କ ହ୍ୟାଟ୍ରିକ ଲକ୍ଷ୍ୟରେ ଅଭିମନ୍ୟୁ ହିଁ ଏକ ରକମର ବ୍ରେକ ଦେଇଦେଲେ। ଧିରେଧିରେ ରାଜ ପରିବାର ସହ ଅଭିମନ୍ୟୁଙ୍କ ସଂପର୍କ ଆହୁରି ନିବିଡ ହୋଇଥିଲା। ଅଭିମନ୍ୟୁ ରାଜ ପରିବାରର ଡାହାଣ ହାତ ହେବା ସହ ଜିଲ୍ଲାରେ ଦବଦବା ଜାହିର କରିଥିଲେ। ଏମିତିକି ନବୀନ ନିବାସକୁ ବି ନିୟମିତ ଭାବେ ଅଭିମନ୍ୟୁ ଯାଇପାରୁଥିଲେ। ଲୋକପ୍ରିୟତା ଥିବାରୁ ଅଭିମନ୍ୟୁ ଭାବିଥିଲେ ୨୦୦୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଟିଟିଲାଗଡରୁ ପ୍ରାର୍ଥୀ କରିବ। କିନ୍ତୁ ତାଙ୍କ ଟିକେଟ ରେସ ଆଗରେ ସର୍ବାଗ୍ରେ ଥିଲେ ଆଉ ଜଣେ ଭେଟେରାନ ନେତା ଯୋଗେନ୍ଦ୍ର ବେହେରା। ଯୋଗେନ୍ଦ୍ରଙ୍କ ଟିକେଟ କାଟିବା ମଧ୍ୟ ଏତେ ସହଜ ନଥିଲା। କାରଣ ତାଙ୍କ ଉପରେ ବିଜେଡି ଚାଣକ୍ୟ ପ୍ୟାରୀ ମୋହନ ମହାପାତ୍ରଙ୍କ ବଡ ଆଶୀର୍ବାଦ ଥିଲା। ଯୋଗେନ୍ଦ୍ର ମଧ୍ୟ ୧୯୯୦ରୁ ୨୦୦୪ ପର୍ଯ୍ୟନ୍ତ ୪ ଥର ବିଧାୟକ ହୋଇଛନ୍ତି। ୨୦୦୮ ଟିଟିଲାଗଡ ପୌର ନିର୍ବାଚନ ବେଳେ ବିଜେଡି ବିରୁଦ୍ଧରେ ଅଭିମନ୍ୟୁ ବିଦ୍ରୋହୀ ପ୍ରାର୍ଥୀ ଦେଇଥିଲେ। ସାଇକେଲ ଚିହ୍ନରେ ଆଶାଠାରୁ ଅଧିକ କାଉନସିଲର ଜିତାଇ ନେତୃତ୍ୱର ପରାକାଷ୍ଠା ଦେଖାଇଥିଲେ। ଯମୁନା ପାଢୀ ହୋଇଥିଲେ ଟିଟିଲାଗଡର ସ୍ୱାଧୀନ ନଗରପାଳ। ଟିଟିଲାଗଡରେ ଅଭିମନ୍ୟୁଙ୍କ ଦବଦବା ଆହୁରି ବଢିବାରେ ଲାଗିଲା। ୨୦୧୪ ନିର୍ବାଚନ ବେଳକୁ ବିଜେଡିରେ ପ୍ୟାରୀ ଯୁଗ ସରିସାରିଥିଲା। ଯୋଗେନ୍ଦ୍ର ବେହେରାଙ୍କୁ ୨୦୧୪ ନିର୍ବାଚନ ବେଳେ ଲୋଇସିଂହାକୁ ପଠାଗଲା ତେଣୁ ଟିଟିଲାଗଡରେ ଅଭିମନ୍ୟୁଙ୍କୁ ଲଢିବା ପାଇଁ ନବୀନ ଗ୍ରୀନ ସିଗନାଲ ବି ଦେଇସାରିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଠିକ ନିର୍ବାଚନ ପୂର୍ବରୁ ଆତତାୟୀ ତାଙ୍କୁ ହତ୍ୟା କଲେ।

## ସଇଁନ୍ତଳା ଉଚ୍ଛେଦ

୨୦୦୯ ସାଧାରଣ ନିର୍ବାଚନରେ ସୀମା ପୁନଃନିର୍ଦ୍ଧାରଣ ହେଲା। ସଇଁନ୍ତଳା ନିର୍ବାଚନମଣ୍ଡଳୀ ଉଚ୍ଛେଦ ହେଲା। ସଇଁନ୍ତଳା ବ୍ଲକ ମିଶିଲା ଟିଟିଲାଗଡରେ ଏବଂ ବେଲପଡା ବ୍ଲକ ମିଶିଲା ପାଟଣାଗଡ ନିର୍ବାଚନମଣ୍ଡଳୀରେ। ଏବେ ଟିଟିଲାଗଡ ପୌରପରିଷଦ, ଟିଟିଲାଗଡ ବ୍ଲକ, ତୁଷୁରା ଏନଏସି, ଗୁଡଭେଲା ବ୍ଲକ ଏବଂ ସଇଁନ୍ତଳା ବ୍ଲକକୁ ନେଇ ଟିଟିଲାଗଡ ନିର୍ବାଚନମଣ୍ଡଳୀ ଗଠିତ। ଭୋଟର ସଂଖ୍ୟା ୨ ଲକ୍ଷରୁ ଅଧିକ।

## ଜିଲ୍ଲା ଦାବୀ ବଡ ଆହ୍ୱାନ

ପ୍ରତିଥର ନିର୍ବାଚନରେ ଟିଟିଲାଗଡ ଜିଲ୍ଲା ଦାବୀ ପ୍ରମୁଖ ପ୍ରସଙ୍ଗ ପାଲଟିଥାଏ। ମୁହାଁମୁହିଁ ହୁଅନ୍ତି ପ୍ରତିଦ୍ୱନ୍ଦୀ। ଟିଟିଲାଗଡ ଜିଲ୍ଲା ହେବ କି ନାହିଁ କୌଣସି ସରକାର ଏଯାଏଁ କୌଣସି ସ୍ପଷ୍ଟମତ ରଖିନାହାନ୍ତି। କିନ୍ତୁ ନେତାମାନେ ନିଜନିଜ ଷ୍ଟାଇଲରେ ଜିଲ୍ଲା ଦାବି ନେଇ ମତ ରଖନ୍ତି। ୨୦୨୯ ନିର୍ବାଚନରେ କେଉଁ ଦଳ କାହାକୁ ବିଧିବଦ୍ଧ ଭାବେ ଯୋଦ୍ଧା ସଜାଉଛନ୍ତି, ଲଢେଇ କେମିତି ହେବ ତାକୁ ନେଇ ଏବେ ସବୁଠି ଚର୍ଚ୍ଚା।

## କଣ ହେବ ଟୁକୁନିଙ୍କ ରାଜନୈତିକ ଭାଗ୍ୟ ?



ଟୁକୁନି ଏବେ ନିର୍ବାଚନ ହାରି ଯାଇଛନ୍ତି। ବିଜେଡ଼ି ଏବେ ସଙ୍କଟରେ। ୨୦୧୪ ନିର୍ବାଚନରେ ଅଭିମନ୍ୟୁଙ୍କ ସମର୍ଥକମାନେ ପ୍ରାଣପଣେ ଜିତାଇ ଆଣିଲେ। ପରବର୍ତ୍ତୀ ସମୟରେ ବଲାଙ୍ଗୀରର କିଛି ମୁଷ୍ଟିମେୟ ଲୋକଙ୍କ ପାଖରେ ଟୁକୁନିଙ୍କ ଚାବିକାଠି ରହିଲା। ତାଙ୍କ କ୍ଷମତାକୁ ଅନ୍ୟମାନେ ବ୍ୟବହାର କଲେ। ଅଭିମନ୍ୟୁ - ଟୁକୁନିଙ୍କ ସମର୍ଥକ ମାନେ ଗୋଟିଏ ପ୍ରକାର କରଛଡା ଦେଲେଣି। ଟୁକୁନି ହାରିଯିବା ପରେ ସେହି ମୁଷ୍ଟିମେୟ ଲୋକମାନେ ଆଉ ସାଙ୍ଗରେ ନାହାନ୍ତି। ସ୍ୱାମୀଙ୍କ ନାଁରେ ପରିଚୟ ତ ଅଛି କିନ୍ତୁ ତାଙ୍କର ଆଉ ଗୋଟିଏ ପରିଚୟ ହେଲା ସେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇର ଝିଅ। ବିଜେଡି ସରକାର ଅମଳରେ ପ୍ରଭାବଶାଳୀ ନେତାଙ୍କ ଆଶୀର୍ବାଦ ଥିଲା। ସେଥିପାଇଁ ପାୱାର କରିଡର ବେଶୀ ଦବଦବା ଥିଲା ବୋଲି କୁହାଯାଏ। ଏବେବି ସେ ବିଜେଡ଼ିର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ଅଛନ୍ତି।

## ସିଂହଭୋଇ ପରିବାରର ଭୋଟ ବ୍ୟାଙ୍କ

୧୯୯୫ ମସିହାରୁ ୨୦୦୦ ଏବଂ ୨୦୦୦ ମସିହା ଠାରୁ ୨୦୦୪ ପର୍ଯ୍ୟନ୍ତ ୨ ଥର ବିଧାୟକ ହୋଇ ଥିଲେ କଂଗ୍ରେସର ସୁରେନ୍ଦ୍ର ସିଂହଭୋଇ। କଂଗ୍ରେସ ସରକାର ଅମଳରେ କିଛି ମାସ ପାଇଁ ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ବି ହୋଇଥିଲେ। ସୁରେନ୍ଦ୍ରଙ୍କ ବାପା ରମେଶ ଚନ୍ଦ୍ର ସିଂହଭୋଇ ମଧ୍ୟ ସ୍ୱତନ୍ତ୍ର ପାର୍ଟିରୁ ୨ ଥର ଓ କଂଗ୍ରେସ ଟିକେଟରେ ଥରେ ସଇଁନ୍ତଳା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇଛନ୍ତି। ଆଦିବାସୀ ଚେହେରା ହିସାବରେ ସିଂହଭୋଇ ପରିବାରର ଭୋଟବ୍ୟାଙ୍କ ରହିଛି। ସୁରେନ୍ଦ୍ରଙ୍କ ଧର୍ମପତ୍ନୀ ମୋନିକା ସିଂହଭୋଇ ଦୀର୍ଘବର୍ଷ ହେଲା ସଇଁନ୍ତଳା ବ୍ଲକ ଅଧକ୍ଷା ରହିଆସିଛନ୍ତି।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

# ପ୍ରଭାତଙ୍କୁ ଏବେ ଦିଲ୍ଲୀପ ସାହା





**ଚିତ୍ତରଞ୍ଜନ ମହାନ୍ତି, କଟକ**

ଆଇପିଏଲ ଭଳି କଟକ ରାଜନୀତି ବି ରୋଚକ ହେବାରେ ଲାଗିଛି। ତିନି ପ୍ରମୁଖ ଦଳରେ ଲାଗି ରହିଛି କେଁ କଟର। ଶାସକ ବିଜେପିରେ ଏବେ ବିଜେଡ଼ି ନେତାଙ୍କ ରାଜ୍ ଆରମ୍ଭ ହୋଇଯାଇଛି। ଭର୍ତ୍ତୃହରି ମହତାବ ଏବେ କଟକର ସାଂସଦ ଅଛନ୍ତି। ଆଗକୁ ତାଙ୍କ ସହ ଯୋଡ଼ି ହୋଇଯିବେ ଦେବାଶିଷ ସାମନ୍ତରାୟ। ଜୁନରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଦେବାଶିଷ ବିଜେପି ଟିକେଟରେ ରାଜ୍ୟସଭାକୁ ଯିବେ। ଏସବୁ ଭିତରେ ପ୍ରଭାତ ବିଶ୍ୱାଳ ତ୍ରିଶଙ୍କୁ ଅବସ୍ଥାରେ ରହିଛନ୍ତି।

ନବୀନ ପଟ୍ଟନାୟକଙ୍କୁ ପ୍ରଭାତ ବିଶ୍ୱାଳ ପ୍ରଶ୍ନ ପଚାରି ଚର୍ଚ୍ଚା ସୃଷ୍ଟି କରିଥିଲେ। ପରେ ତାଙ୍କ ବିଧାୟକ ପୁତ୍ର ସୌଭିକ ବିଶ୍ୱାଳ ମଧ୍ୟ କ୍ରସଭୋଟିଂ କଲେ। ଯେଉଁଥିପାଇଁ ପ୍ରଥମେ ପ୍ରଭାତ ଓ ପରେ ସୌଭିକଙ୍କୁ ଦଳରୁ ବିଦା କରାଗଲା। ହେଲେ ସେମାନେ ଖୁସିରେ ଦଳୀୟ ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ। କାହିଁକିନା ବିଜେପିରେ ମିଶିବା ସହ ଟିକେଟ ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରଭାତଙ୍କ ଯୋଜନାକୁ ଏବେ ପଣ୍ଡ କରି ଦେଇଛନ୍ତି ଟାଣୁଆ ବିଜେପି ନେତା ନୟନ କିଶୋର ମହାନ୍ତି। ନୟନ ମହାନ୍ତି ପରାଜୟରେ ସିନା ରେକର୍ଡ଼ କରିଛନ୍ତି ହେଲେ ସଂଘ ସହ ଭଲ ଭାବନାବ ରହିଛି। ନୟନ ରାଜନୀତିରେ ଥାଉ ଥାଉ ବିଜେଡ଼ି ନେତା ଆସି ମାମଲତି କରିବେ, ତାହା ସେ ବରଦାସ୍ତ କରିପାରିବେ ନାହିଁ। ଯେଉଁଥିପାଇଁ ବିଜେପିର ଗୋଟିଏ ଗୋଷ୍ଠୀ ପ୍ରଭାତଙ୍କୁ ନେବାକୁ ଚାହୁଁଥିଲେବି ଉପରୁ ଗ୍ରୀନ ସିଗନାଲ ମିଳିପାରୁନାହିଁ।

ପ୍ରଭାତ ଏଯାଏଁ ବିଜେପିକୁ ଯାଇପାରିନଥିବାରୁ ତାଙ୍କର ମନଦୁଃଖ ନାହିଁ। ହେଲେ ଦେବାଶିଷ ଆଗୁଆ ବିଜେପି ପଳାଇଥିବାରୁ ତାଙ୍କ ଛାତି କୋରି ହୋଇଯାଇଛି। ଦେବାଶିଷ ବି ବିଜେପିରେ ମିଶିବା ପରେ ପ୍ରଭାତଙ୍କୁ ଇଲେଇତି କରିଛନ୍ତି। ତାଙ୍କୁ କାହିଁକି ବିଜେପି ନେଉନାହିଁ ବୋଲି ଛିଗୁଲାଇବାକୁ ପଛାଇ ନାହାନ୍ତି। ଯାହାକୁ ନେଇ ପ୍ରଭାତ ଚିନ୍ତାରେ ପଡ଼ି ଯାଇଛନ୍ତି। ବିଜେପି ତାଙ୍କୁ ଧୋକ୍କା ଦେଇଦେବ କି ? ସେଇ କଥା ଭାବି ସେ ଚିନ୍ତାରେ ଅଛନ୍ତି।

ଏଭଳି ସମୟରେ ଦିଲ୍ଲୀପ ରାୟଙ୍କ ହିଁ ତାଙ୍କର ସାହାଭରସା। ପ୍ରଭାତ ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବି ଯୋଗସୂତ୍ରରେ ରହିଥିଲେ। ହେଲେ ଏବେ ଧର୍ମେନ୍ଦ୍ର ରାଜ୍ୟ ବିଜେପି କଥାରେ ମୁଣ୍ଡ ଖେଳାଉ ନାହାନ୍ତି। ସେହିପରି ଦିଲ୍ଲୀପ ରାୟଙ୍କ ଗୋଷ୍ଠୀରେ ପ୍ରଭାତ ଥିବାରୁ ଧର୍ମେନ୍ଦ୍ର ତାଙ୍କ କଥା ଚିନ୍ତା ନକରିବା ବି ସ୍ୱାଭାବିକ। ବରଂ ଧର୍ମେନ୍ଦ୍ରଙ୍କ ଜରିଆରେ ଦେବାଶିଷ ବିଜେପିରେ ସାମିଲ୍ ହୋଇଛନ୍ତି। ଏଭଳି ସ୍ଥିତିରେ ଦିଲ୍ଲୀପ ଚାହିଁଲେ ହିଁ ପ୍ରଭାତ ବିଜେପିରେ ମିଶିପାରିବେ। କାହିଁକିନା ଦିଲ୍ଲୀପ ସିଧାସଳଖ ଭାବେ ଅମିତ ଶାହାଙ୍କୁ ଭେଟିପାରିବେ। ରଜ ପୂର୍ବରୁ ପ୍ରଭାତ ବି ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀରେ ବଡ଼ ବଡ଼ ନେତାଙ୍କୁ ଭେଟି ପ୍ରଭାତ ଦଳରେ ମିଶିବାର ଯୋଜନା କରିଥିବା ଚର୍ଚ୍ଚା ହେଉଛି। ଦେଖାଯାଉ ପ୍ରଭାତଙ୍କ ପଦ୍ମପୋଖରୀ ସ୍ନାନ ପାଇଁ କେବେ ତିଥିବାର ଶୁଝୁଛି।

# ଲକ୍ଷ୍ମୀପୁରରେ ଠିକା କଳି

**କୋରାପୁଟରୁ ଶରତ ନାୟକ**

ଆଜ୍ଞା ଆଜିକାଲି ସାରା ରାଜ୍ୟରେ ଠିକା କଳି। କାହିଁକିନା ଶାସନ ବ୍ୟବସ୍ଥାରେ କିମ୍ଭୁତ କିମ୍ଭାକାର ସ୍ଥିତି ସୃଷ୍ଟିହୋଇଛି। ବିଜେପି ସିନା ସରକାରକୁ ଆସିଯାଇଛି ହେଲେ ପଞ୍ଚାୟତ ଓ ବ୍ଲକରେ କିନ୍ତୁ ବିଜେଡ଼ି ରାଜ୍ ଚାଲିଛି। ଯେଉଁଥିପାଇଁ ବିଡ଼ିଓମାନେ ଏବେ ଭାରି ଚିନ୍ତାରେ। କାହାକୁ ଠିକା କାମ ମିଳିବ, ଯଦି ମିଳିବ କିଏ କେତେ କରିବ, ସେକଥା ଛିଣ୍ଡାଇ ପାରୁନାହାନ୍ତି। ଫଳରେ ଜିଦାଜିଦି ଅବସ୍ଥା ସୃଷ୍ଟିହୋଇଛି। ବିକାଶ ଏବେ ରାଜନୀତି ପାଇଁ ବଳି ପଡ଼ିଯାଇଛି। ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀ ଭଳି ଏବେ ଲକ୍ଷ୍ମୀପୁରରେ ବି ଠିକା କଳି ଜୋର୍ ଧରିଛି। ହେଲେ ଲକ୍ଷ୍ମୀପୁର ରାଜନୀତି ଭାରି ନିଆରା। ରାଜନୀତିକ ଅଙ୍କ ପୂରା ଅଛିଣ୍ଡା।

ଏଥିପାଇଁ ଲକ୍ଷ୍ମୀପୁର ରାଜନୀତିକ ଅଙ୍କ ହିଁ ଦାୟୀ। ରାଜ୍ୟରେ ଏବେ ବିଜେପି ସରକାର। ହେଲେ କୋରାପୁଟ ସାଂସଦ ସପ୍ତଗିରି ଉଲାକା ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ହେଉଛନ୍ତି କଂଗ୍ରେସର। ସେପଟେ ଜିଲା ପରିଷଦ ସଭାପତି ସସ୍ମିତା





ମେଲେକା ହେଉଛନ୍ତି ବିଜେଡ଼ିର। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱାଇ କୁଲେସିକା ହେଉଛନ୍ତି ବିଜେପିର। ତାଙ୍କ ସ୍ୱାମୀ କୈଳାସ ଚନ୍ଦ୍ର କୁଲେସିକା ପୂର୍ବରୁ ବିଧାୟକ ଥିଲେ। ପୂର୍ବରୁ ସେ କଂଗ୍ରେସରେ ଥିବାବେଳେ ପରେ ବିଜେପିରେ ଯୋଗ ଦେଇଥିଲେ। ଗତ ୨୦୨୪ ନିର୍ବାଚନରେ ସେ ବିଜେପି ଟିକେଟରୁ ଲଢ଼ି ପରାସ୍ତ ହୋଇଛନ୍ତି।

ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁଗୁଡ଼ିକରେ ଉନ୍ନୟନ କାର୍ଯ୍ୟ ହେବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି ସହିତ ଅନ୍ୟାନ୍ୟ କେତେକ ଯୋଜନା ବାବଦରେ ପ୍ରାୟ ୧୫ କୋଟି ଟଙ୍କା ଆସି ଦୀର୍ଘ ମାସ ହେବ ପଡିରହିଛି। କିନ୍ତୁ କାମ କିଏ କରିବ ତାହାକୁ ନେଇ ଛକାପଞ୍ଝା ଜାରି ରହିଥିବାରୁ ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି। କାହିଁକିନା ଡିଏମଏଫ ପାଣ୍ଠି ସହିତ ଅନ୍ୟ କେତେକ ପାଣ୍ଠି ବିଭାଗ ଦ୍ୱାରା ହିଁ ସମ୍ପନ୍ନ ହେବ। କିନ୍ତୁ ଏଥିପାଇଁ କୁଆଡ଼େ ନେତାମାନଙ୍କ ସୁପାରିସ ଆବଶ୍ୟକ ହେଉଛି। ଯାହାକୁ ନେଇ ବିଡ଼ିଓ ଅକଳରେ ପଡ଼ିଯାଇଛନ୍ତି। ନେତାମାନେ ଜିଦ୍‌ରେ ଅଟଳ ରହୁଥିବାରୁ କାମ ହୋଇପାରୁନି।

ନିକଟରେ ବିଧାୟକ ପବିତ୍ର ସାଉଁତା ସମର୍ଥକଙ୍କ ସହ ବିଡ଼ିଓ ସବ୍ୟସାଚୀ ବେହେରାଙ୍କୁ ଘେରିଛନ୍ତି। ବ୍ଲକ ଅଧ୍ୟକ୍ଷା ସ୍ୱାଇ କୁଲେସିକା ପିସି ନେଇ କାମ ଦେଉଥିବା କାରଣରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ବିଧାୟକ ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ବିଧାୟକ ଓ ଜିଲ୍ଲା ପରିଷଦ ସଭ୍ୟ କଂଗ୍ରେସର ହୋଇଥିବାବେଳେ ଆମ ସୁପାରିସରେ ଆମ ଲୋକମାନେ କାହିଁକି କାମ ପାଇବେ ନାହିଁ ବୋଲି ପ୍ରଶ୍ନ ଉଠିଛି। ବିଜେପି ମଣ୍ଡଳ ସଭାପତିଙ୍କ ମାମଲତିକୁ ନେଇ ବି ସେ ବର୍ଷିଛନ୍ତି। ଅପରପକ୍ଷରେ ବିଧାୟକ ନିଜେ ପିସି ନେଇ କାମ ବାଣ୍ଟୁଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା କହିଛନ୍ତି।

## ମହାମୂର୍ଖ ଉବାଚ



ଡ଼ଃ କୁଳାଙ୍ଗାର

# ପରୀକ୍ଷା ପ୍ରଶ୍ନମୟ

ଆଗରୁ ପରୀକ୍ଷା ହାତଲେଖା ଥିଲା
ଏବେ କମ୍ପ୍ୟୁଟର ଚିପରେ;
ଆଗରୁ ଭୋଟ ମୋହରରେ ଥିଲା
ଏବେ ଇଭିଏମ ଟିପରେ!
ଉଭୟ ସମାନ ମାପରେ,
ଫଳ ବାହାରିଲେ କେତେ
ସତ-ମିଛ ଆରୋପ ଲଗାଇ ବାପରେ!!

ବହୁଦିନରୁ ଏ ଢଗ ରହିଅଛି
ଜନତା ମୁହଁରେ କଥା;
ଯା ଦେଇ ଜମା ପାଠ ହୁଏ ନାଇଁ
ପାଲଟି ଯାଏ ସେ ନେତା!
ଜନତା ଭାଗ୍ୟ ବିଧାତା,
ପରୀକ୍ଷାଟି ତେଣୁ ବଡ଼କଥା ନୁହଁ
ତା ପାଇଁ ଘୁରାନା ମଥା!!

ପରୀକ୍ଷା ଶିକ୍ଷକ ଏବଂ ବାବୁଙ୍କର
ପରିଚାଳନାର କଥା;
ତାହାକୁ ସେମାନେ ସମ୍ଭାଳିବା
କଥା ପ୍ରକୃତରେ ନ୍ୟାୟ ଯଥା!
ହେଲେ ବଦନାମ ନେତା,
ଶିକ୍ଷକ ଓ ବାବୁ ଘୁଂଗୁଡି ମାରନ୍ତି
ଯଥା ପୂର୍ବଂ ଏବେ ତଥା!!

ପିଲାଙ୍କ ପରୀକ୍ଷା ଲେଖାଲେଖି
ସିନା ନେତାଙ୍କ ପରୀକ୍ଷା ଭୋଟ;
ବଡ଼ ସାଙ୍ଘାତିକ ଉଭୟରେ ଯଦି
ଉଡ଼ାଗଲା ମୋଟା ନୋଟ!
ଇଜ୍ଜତରେ ବାଜେ ଚୋଟ,
କେଡେ କେଡେ ଲୋକ ଜନତା
ଆଖିରେ ପାଲଟି ଯାନ୍ତି ଛୋଟ!!

ପାଠ ନପଢିଲେ ପରୀକ୍ଷା ଖାତାରେ
ଯାତୁ ସ୍ୟାତୁ ଗାରିବ;
ଉତ୍ତର ଖାତାରେ ପରୀକ୍ଷକଠାରୁ
ବଡ଼ ବଡ଼ ଆଳୁ ମିଳିବ!
ନିଜ ଫ୍ୟୁଚର ଜଳିବ,
ଚାକିରୀ ଫକିରି ମିଳିବନି ସିନା
ନେତା ହୋଇଗଲେ ଚଳିବ!

ପରୀକ୍ଷାରେ କପିକୂପା ନହୋଇଲେ
ମଜା ଲାଗିବକି ଭାଇ;
ନାନା ଉପାୟରେ ଏ ଧନ୍ଦା ଟି ହୁଏ
ସେ କଥା କେ ଜାଣେ ନାଇଁ!
ଏଇ ସୁଯୋଗ କୁ ପାଇ,
ପ୍ରଶ୍ନକୁ ହରଣଚାଳ କରିଲେ
କିଏ ବା ପାରନ୍ତା ସହି??

ପରୀକ୍ଷାରେ ଯଦି ଏତେ ଝିନଝଟ
ପରୀକ୍ଷାକୁ ଦିଅ ହଟେଇ;
ସମସ୍ତେ ଖଟନ୍ତୁ ଏବଂ ଚଳନ୍ତୁ
ନିଜ ବଳ ବୁଦ୍ଧି ଖଟେଇ!
ମହାମୂର୍ଖ ଟଂଟି ଫଟେଇ,
କହେ ପ୍ରଶ୍ନ ନୁହେଁ ଉତ୍ତର ଖୋଜ ହେ
ଦେଶକୁ ଦେବାକୁ ଉଠେଇ!!

# ରାଜନୀତିରେ ଯୁବଛାତ୍ରଙ୍କ ହକ୍‌ର ଲଢ଼େଇ

ସଂଗଠନ ଯଦି ଧମନୀ ହୁଏ ଯୁବଛାତ୍ର ହେଉଛନ୍ତି ଏଥିରେ ପ୍ରବାହିତ ହେଉଥିବା ରକ୍ତ । ଯଦି ଏହି ରକ୍ତ ପ୍ରବାହ ବନ୍ଦ ହୋଇଯାଏ, ତେବେ ଶରୀର ଧିରେଧିରେ ଅକାମୀ ହୋଇଯାଏ । ପ୍ରତ୍ୟେକ ରାଜନୈତିକ ଦଳରେ ଯୁବଛାତ୍ରଙ୍କୁ ପ୍ରାୟ ରାଜନୈତିକ ହତ୍ୟା କରାଯାଏ। ଯାହା ତାଙ୍କ ଦୃଢ ନେତୃତ୍ୱ ଉପରେ ବିରାମ ଲଗାଏ। ତେଣୁ ପ୍ରତ୍ୟେକ ରାଜନୈତିକ ଦଳ ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ନେତୃତ୍ୱ ସୃଷ୍ଟି କରିବା ଆବଶ୍ୟକ । କାରଣ ସ୍ୱାମୀ ବିବେକାନନ୍ଦ କହିଥିଲେ, ଉଠ ଜାଗ ଲକ୍ଷ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ନିବୃତ୍ତ ହୁଅନାହିଁ ।

**ଦିବ୍ୟରଞ୍ଜନ ସାସମଲ**




# ସଫଳ ହେବ କି ବିଜୁ ସ୍ୱାଭିମାନ ମଞ୍ଚ?

## ପଞ୍ଚାୟତ ନିର୍ବାଚନ

ରାୟଗଡ଼ାରେ ବିଜେଡ଼ିକୁ ଝଟକା ଦେବା ପାଇଁ ପୂରା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ଏନ ଭାସ୍କର ରାଓ । ଜିଲ୍ଲାରେ ଭାସ୍କରଙ୍କର ଭଲ ସଂଗଠନ ରହିଛି । ପ୍ରାୟ ଦେଢ଼ ଦଶନ୍ଧି ଧରି ସେ ରାୟଗଡ଼ା ରାଜନୀତିକୁ ନିଜ ଚାରିପାଖେ ବୁଲାଇ ଆସୁଥିଲେ । ତେବେ ବିଜେଡ଼ି ଛାଡ଼ିବା ପରେ ସେ ଆଉ କୌଣସି ଦଳକୁ ନଯାଇ ବିଜୁ ସ୍ୱାଭିମାନ ମଞ୍ଚ ଗଢ଼ିଛନ୍ତି । ଭାସ୍କର ଦଳ ଛାଡ଼ିବା ମାତ୍ରେ ବିଜେଡ଼ି ସଂଗଠନ ଉପରେ ତାହାର ବ୍ୟାପକ ପ୍ରଭାବ ପଡ଼ିସାରିଛି । ସେତେବେଳେ ଅନେକ ଜନ ପ୍ରତିନିଧି ଭାସ୍କରଙ୍କ ସହ ବିଜେଡ଼ି ବି ଛାଡ଼ି ଦେଇଥିଲେ । ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ଭାସ୍କରଙ୍କ ପାଇଁ ଆହ୍ୱାନ ସୃଷ୍ଟିକରିଛି । ଯଦି ପଞ୍ଚାୟତ ନିର୍ବାଚନରେ ଭାସ୍କରଙ୍କ ମଞ୍ଚ ସଫଳ ନହୁଏ ତେବେ ବିଜେଡ଼ି ପାଇଁ ସେ ଦବଦବା ଜାହିର କରୁଥିଲେ ବୋଲି ବାର୍ତ୍ତା ଯିବ । ତେଣୁ କଳେବଳେ କୌଶଳେ ବିଜେଡ଼ିକୁ ଅକଳରେ ପକାଇବାକୁ ସେ ସଂକଳ୍ପ କରିନେଇଛନ୍ତି । ଏନେଇ ଆଗୁଆ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ବର୍ତ୍ତମାନର ଜନ ପ୍ରତିନିଧି ଓ ଆଶାୟୀମାନଙ୍କ ସହ କଥା ହୋଇ ପଞ୍ଚାୟତୱାରୀ ଅଙ୍କକଷା ଆରମ୍ଭ ହୋଇଯାଇଛି । ସେହିପରି ନିକଟରେ ଦିଲ୍ଲୀପ ରାୟ, ବିଜୟ ମହାପାତ୍ର ଓ ସୌମ୍ୟରଞ୍ଜନ ପଟ୍ଟନାୟକ ଓଡ଼ିଶା ନାଗରିକ ମଞ୍ଚ ଗଢ଼ିଛନ୍ତି । ଭାସ୍କରଙ୍କର ଏହି ନେତାମାନଙ୍କ ସହ ଭଲ ସମ୍ପର୍କ ରହିଥିବାବେଳେ ନାଗରିକ ମଞ୍ଚ ବି ତାଙ୍କୁ ବଳ ଦେଇଛି । ନାଗରିକ ମଞ୍ଚର ନେତାମାନେ ଏକାଠି ହୋଇ ଦମ୍ ଦେଖାଇବାର ଯୋଜନା କରିଥିବାବେଳେ ଅବିଭକ୍ତ କୋରାପୁଟ ଦାୟିତ୍ୱରେ ଭାସ୍କର ରହିବେ ବୋଲି ଜଣାପଡ଼ିଛି । ୨୦୨୯ରେ ଏହି ମଞ୍ଚ ବିଜେପି ସହ ମେଣ୍ଟ କରିବ ନଚେତ୍ ଏକ ବିକଳ୍ପ ରାଜନୀତିକ ଦଳ ଗଢ଼ିବାର ବି ସମ୍ଭାବନା ରହିଛି । ସବୁ କିଛି ସମୟ ଓ ପଞ୍ଚାୟତ ଫଳ ଉପରେ ନିର୍ଭର କରିବ ।

# 'ପାୱାର ନାହିଁ ତ ଚେୟାର ନାହିଁ'



ଆଜ୍ଞା ପାୱାର ଯଦି ନଥିବ, ଚେୟାର ଖଣ୍ଡେ ବି ମିଳିବନି । ଏଇ ବଲାଙ୍ଗୀରରେ ପରା ଆମେ ଦେଖିଲୁ, ବାଳଗୋପାଳ ମିଶ୍ର କିଭଳି ଲାଇନରେ ଠିଆହୋଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଲେ । ପୁଣି ଜିଲ୍ଲାପାଳ ମହୋଦୟ ବାବୁଠାଣିରେ ବସି ରହିଥିଲେ । ସେ ପୁଣି ନିଜ ପାଇଁ ଭତ୍ତା କି ଛତା ମାଗିବାକୁ ଯାଇନଥିଲେ । ଚାଷୀ ଓ ସାଧାରଣ ଜନତାଙ୍କ ଅଭିଯୋଗ ନେଇ ଯାଇଥିଲେ । ଦିନେ ବାଳଗୋପାଳ ମିଶ୍ର ସାଂସଦ ଓ ବିଧାୟକ ବି ଥିଲେ । ବଲାଙ୍ଗୀରର ଜଣେ ଚର୍ଚ୍ଚିତ ରାଜନେତା ଭାବେ ବି ତାଙ୍କର ଖ୍ୟାତି ରହିଛି । ହେଲେ ତୁଡୁକା ବ୍ଲକରେ ଅନୁଷ୍ଠିତ ଜନଶୁଣାଣୀରେ ବାଳଗୋପାଳଙ୍କ ପ୍ରତି ପ୍ରଶାସନର ଏତାଦୃଶ ବ୍ୟବହାରକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୋସିଆଲ ମିଡ଼ିଆରେ ଲୋକମାନେ ସରକାର ଓ ପ୍ରଶାସନ ଉପରେ ଜମେଇକି ବର୍ଷିଛନ୍ତି । ହଉ ଛାଡ଼ ଚେୟାର ନଦେଲ ନାହିଁ, ତାଙ୍କ ଦାବି ତକ ପୂରଣ କରିଦେଲେ ପ୍ରଶାସନର ସୁନାମ ହୁଅନ୍ତା । ସାଲେଭଟା ଗ୍ରାମର ପାଣି ସମସ୍ୟା, ଖରିଫ ଧାନ ବିକ୍ରିରେ ସମସ୍ୟା ଆଦି ଦୂର କରିଦେଲେ ଭଲହୁଅନ୍ତା ।

ସର୍ବିତ ଓଡ଼ିଆ ODIA WEEKLY SARVIT ODIA

ଗର୍ବିତ ଓଡ଼ିଆ




# ଜନ୍ମଦିନର ଅଭିନନ୍ଦନ

## ସୁଶାନ୍ତ ରାଉତ



ଭୁବନେଶ୍ୱର ଉତ୍ତରର ଲୋକପ୍ରିୟ ବିଧାୟକ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସୁଶାନ୍ତ କୁମାର ରାଉତ ୧ ଜୁନ ୧୯୭୩ ରେ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥଲେ। ସେ ଜଣେ ସମାଜସେବୀ ଏବଂ ଜନପ୍ରତିନିଧି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛନ୍ତି। ଏମ୍. ବି.ଏ. ଶିକ୍ଷାଗତ ଯୋଗ୍ୟତା ସହିତ ସେ ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରରୁ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଦଳୀୟ ସଂଗଠନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ନେତୃତ୍ୱ, ସରଳ ବ୍ୟକ୍ତିତ୍ୱ ଓ ଜନକଲ୍ୟାଣ ପ୍ରତି ଅଙ୍ଗୀକାର ତାଙ୍କୁ ଓଡ଼ିଶା ରାଜନୀତିର ଜଣେ ପରିଚିତ ମୁହଁ ଭାବେ ପ୍ରତିଷ୍ଠିତ କରିପାରିଛି।

## ଡ଼ଃ ଅରୁଣ କୁମାର ସାହୁ



ଆଜିକା ଦିନରେ ଓଡ଼ିଶା ରାଜନୀତିର ଜଣେ ଚର୍ଚ୍ଚିତ ଓ ଜନାଦୃତ ବିଧାୟକ ହେଉଛନ୍ତି ଡକ୍ଟରଅରୁଣସାହୁ।୧୯୬୭, ଜୁନ୍ ୬ରେ ନୟାଗଡ଼ ଜିଲ୍ଲାର ରସଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଡ଼ଃ ଅରୁଣ ହେଉଛନ୍ତି ଦଣ୍ଡଧର ସାହୁ ଓ ବିଶିକା ଦେଇଙ୍କ ସୁପୁତ୍ର। ସେ ଇତିହାସରେ ପିଏଚଡି, ଏମ୍ଏ ଏବଂ ଏଲ୍ଏଲ୍ବି ଡିଗ୍ରୀ ଅର୍ଜନ କରିଛନ୍ତି। ଡ଼ଃ ସାହୁ ୨୦୦୪ରେ ପ୍ରଥମ ଥର ପାଇଁ ନୟାଗଡରୁ ବିଧାୟକ ନିର୍ବାଚିତ ହୋଇଥିଲେ। ତା'ପରେ ୨୦୦୯, ୨୦୧୪, ୨୦୧୯ ଏବଂ ୨୦୨୪ ମସିହାରେ କ୍ରମାଗତ ଭାବେ ପାଞ୍ଚ ଥର ବିଧାନସଭାକୁ ନିର୍ବାଚିତ ହୋଇ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ହାସଲ କରିଛନ୍ତି। ଖାଲି ରାଜନୀତି ନୁହେଁ କଲମ ଚାଳନାରେ ବି ସେ ସିଦ୍ଧହସ୍ତ। ତାଙ୍କର ଅନେକ ପୁସ୍ତକ ବେଶ୍ ଲୋକାଦୃତ ହୋଇପାରିଛି।

## ଅମରେନ୍ଦ୍ର ଦାସ



ଜଗତସିଂହପୁର ବିଧାୟକ ତଥା ବିଜେପିର ଯୁବ ଓ ପ୍ରଭାବଶାଳୀ ନେତା ଅମରେନ୍ଦ୍ର ଦାସ ୧୪ ଜୁନ ୧୯୭୫ରେ ଜଗତସିଂହପୁରରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ନେତୃତ୍ୱ ଗୁଣ ଏବଂ ସାମାଜିକ ସଚେତନତା ପାଇଁ ସେ ପରିଚିତ। ୧୯୯୨-୯୩ରେ ଏସ୍ଭିଏମ୍ କଲେଜ ଛାତ୍ର ସଂସଦର ଉପସଭାପତି ଭାବେ ନିର୍ବାଚିତ ହୋଇ ସେ ନିଜର ନେତୃତ୍ୱ ଯାତ୍ରା ଆରମ୍ଭ କରିଥିଲେ। ୨୦୦୬ରୁ ୨୦୧୨ ପର୍ଯ୍ୟନ୍ତ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ଜିଲ୍ଲା ଯୁବ ବିଜେଡି ସଭାପତି ଏବଂ ୨୦୧୯ରୁ ୨୦୨୦ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ଭାବେ ଦଳକୁ ସୁଦୃଢ଼ କରିଥିଲେ। ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ଓଡ଼ିଶା କାଜୁ ନିଗମର ଅଧ୍ୟକ୍ଷ ବି ଥିଲେ।

## ପ୍ରଦୀପ କୁମାର ଦିଶାରୀ



ଜନପ୍ରିୟ ଆଦିବାସୀ ନେତା ଭାବେ ସୁନାମ ଅର୍ଜନ କରିଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ। ୧୯୭୫ ଜୁନ୍ ୮ରେ କଳାହାଣ୍ଡି ଜିଲ୍ଲାର ହୀରାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ହେଉଛନ୍ତି ସ୍ୱର୍ଗତ ପଦ୍ମନାଭ ଦିଶାରୀ ଓ କମଳା ଦିଶାରୀଙ୍କ ସୁପୁତ୍ର। ଭତରା ଜନଜାତି ସମ୍ପ୍ରଦାୟରୁ ଆସିଥିବା ଶ୍ରୀ ଦିଶାରୀଙ୍କ ଜନସେବା ଯାତ୍ରା ଗ୍ରାମ ପଞ୍ଚାୟତସ୍ତରରୁ ଆରମ୍ଭ ହୋଇଥିଲା। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ହୀରାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ହୋଇଥିଲେ। ୨୦୧୯ରେ ବିଜେଡ଼ି ଟିକେଟରେ ଲାଞ୍ଜିଗଡରୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ପୁଣିଥରେ ସେ ବିଧାୟକ ହୋଇଛନ୍ତି।

ଓଡ଼ିଆ ODIA WEEKLY GARVIT ODIA

# ବିଜେଡ଼ି ଛାଡ଼ିଦେଲେ, ହେଲେ ବିଜେପି ନେଉନି

ଆଜ୍ଞା, ଆଜିକାଲି ଭଦ୍ରକର କିଛି ନେତା ଭାରି ଚିନ୍ତାରେ। ବିଜେପି ଯିବା ଲୋଭରେ ବିଜେଡ଼ି ସିନା ଛାଡ଼ିଦେଲେ, ହେଲେ 'ଫୁଲ' ଧରିପାରୁନାହାନ୍ତି। ଭଦ୍ରକ ବିଜେଡ଼ିର ତ ଏବେ ଶନି ଦଶା ଚାଲିଛି। ବଡ଼ ନେତାମାନେ ବିଜେଡ଼ିକୁ ବାଏବାଏ କରୁଛନ୍ତି। ନିକଟରେ ମୁକ୍ତିକାନ୍ତ ମଣ୍ଡଳ, ମଞ୍ଜୁଲତା ମଣ୍ଡଳ, ଶଶୀ ସାହୁ, ସୁବାସିନୀ ସାହୁଙ୍କ ଭଳି ନେତାନେତ୍ରୀ ଦଳ ଛାଡ଼ିଥିଲେ। ସେମାନେ ଖୁବଶୀଘ୍ର ବିଜେପିକୁ ଯିବେବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଏଯାଏଁ ସେମାନଙ୍କୁ ଗ୍ରୀନ୍ ସିଗନାଲ ମିଳିପାରୁନାହିଁ। ମଣ୍ଡଳ ଦମ୍ପତ୍ତିଙ୍କୁ ଭଦ୍ରକ ବିଜେପିର ପୁରୁଣା ନେତାମାନେ ବିରୋଧ କରୁଛନ୍ତି। ଧାମନଗର ବିଜେପି ମୁକ୍ତିଙ୍କୁ ଗ୍ରହଣ କରିବା ସ୍ଥିତିରେ ନାହିଁ। ସେପଟେ ଶଶୀ ସାହୁଙ୍କୁ ଦଳକୁ ନେଇ କିଳା ମୁଣ୍ଡାଇବାକୁ ଚାହୁଁନାହାନ୍ତି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା। ସେ ଏବେଠାରୁ ପୁଅଙ୍କ ପାଇଁ ବାଟ ପ୍ରଶସ୍ତ କରୁଛନ୍ତି। ଯେଉଁଥିପାଇଁ ବିଜେଡ଼ି ଛାଡ଼ିଥିବା ନେତାମାନେ ଅକଳରେ ପଡ଼ି ଯାଇଛନ୍ତି। ଏବେ ବିଜେପିକୁ ଯାଇଥିଲେ ପଞ୍ଚାୟତ ନିର୍ବାଚନରେ ସେମାନେ ନିଜ ପତିଆରା ଦେଖାଇ ପାରିଥା'ନ୍ତେ। ବିଜେପି ସଂଗଠନ ସହ ମିଶି କାମ କରିବାର ସୁଯୋଗ ପାଇଥା'ନ୍ତେ। କିନ୍ତୁ ସେତକ ହୋଇପାରୁନି। ମନମୋହନ ସାମଲ ରାଜ୍ୟ ସଭାପତି ହୋଇଥିବାରୁ ସେ ଚାହିଁଲେ ହିଁ ସେମାନେ ମିଶିପାରିବେ। ଦେଖାଯାଉ ମନମୋହନ କେବେ ସେମାନଙ୍କ ମୁଣ୍ଡରେ ଟୋପି ଓ ବେକରେ ଉତ୍ତରୀୟ ପକାଉଛନ୍ତି।









Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS